## ସଂକ୍ଷେପରେ

### ୫୧ ୟୁନିଟ୍ ରକ୍ତ ସଂଗ୍ରହ

**କଣିହାଁ,୨୫।୧୧(ଡି.ଏନ.ଏ.):** କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ଗ୍ରାମ ବଡ଼ବିଲସାହି ବିଦ୍ୟାଳୟଠାରେ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତ ଅଭାବରୁ ସାମାଜିକ କର୍ମୀ କନକ ବେହେରାଙ୍କ ମୃତ୍ୟୁ ହୋଇଥିବାରୁ ଆଗାମୀ ଦିନରେ କେହି ଯେପରି ରକ୍ତ ଅଭାବ ଅନୁଭବ ନ କରିବେ ସେହି ଲକ୍ଷ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ମୃତ କନକଙ୍କ ପୁତ୍ର ପ୍ରଫୁଲ୍ଲ ଓ ପ୍ରଦୀପଙ୍କ ପକ୍ଷରୁ ଜୀବନସାଥୀ ଫାଉଣ୍ଡେଶନ ସହଯୋଗରେ ଏହି ଶିବିରରେ ମୋଟ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅତିଥି ଭାବେ ସରପଞ୍ଚ ଲୋକନାଥ ସାହୁ, ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ ଯୋଗଦାନ କରିଥିଲେ। ତାଳଚେର ଉପଖଣ୍ଡ ବ୍ଲଡବ୍ୟାଙ୍କ କର୍ମଚାରୀ ସହାୟତା କରିଥିଲେ। ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ, ୪ ଗିରଫ

**ବଇଣ୍ଡା,୨୫।୧୧(ଡି.ଏନ.ଏ.):** ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ହଣ୍ଡପା ଓ କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୧୭୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ବଏଜା ଗ୍ରାମର ଟୁକୁନା ମୁଣ୍ଡା, ଧଡରପାଳ ଗ୍ରାମର ଚେରୁ ବେହେରା, ଲୁହାମୁଣ୍ଡା ଅଞ୍ଚଳର ଅଜିତ ପ୍ରଧାନ, ନାକିଚି ଅଞ୍ଚଳର ଏସ୍. ଦେହୁରୀଙ୍କୁ ଗିରଫ କରାଯାଇଛି। ସେମାନେ ବିଭିନ୍ନ ସ୍ଥାନରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ବିଭାଗ ଅଧିକାରୀ ବଲବୀର ଗଡ଼ନାୟକ ଚଢ଼ାଉ କରିଥିଲେ।

### ଜଣେ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୫।୧୧:** ଅନୁଗୋଳ ଜିଲାରୁ ଶୁକ୍ରବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର୪୬୩ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ଆକ୍ରାନ୍ତ ଜଣଙ୍କ ତାଳଚେର ବ୍ଲକର ବୋଲି ଜଣାପଡ଼ିଛି।

### ବାଇକ୍‌ରୁ ପଡ଼ି ମହିଳା ଗୁରୁତର

**ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ବସନ୍ତପୁର ଗ୍ରାମ ନିକଟ ବୁଲାଣୀରେ ବାଇକ୍‌ରୁ ପଡି ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ବାଲିପଗ୍ଛା ଗ୍ରାମର ଭାବିନୀ ନାଏକ। ଗୁରୁବାର ସନ୍ଧ୍ୟାରେ ଭାବିନୀ ତାଙ୍କ ସମ୍ପର୍କୀୟଙ୍କ ସହ ବାଇକ ଯୋଗେ ଡେଉଁରିଆଝରଣସ୍ଥିତ ଝିଆରୀଙ୍କ ଘରକୁ ଯାଉଥିବାବେଳେ ବସନ୍ତପୁର ଗ୍ରାମ ନିକଟ ଧଉରାଖମଣ ରାସ୍ତାରେ ବାଇକ୍‌ରୁ ଖସିପଡିଥିଲେ। ତାଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

### ଭୈରବୀ ଠାକୁରାଣୀଙ୍କ ବାର୍ଷିକ ପୂଜା

**ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ କୁକୁରପେଟା ଗ୍ରାମର ମା' ଭୈରବୀ ଠାକୁରାଣୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ଦେବୀଙ୍କୁ ଏକ ପଟୁଆରରେ ଗ୍ରାମ ପରିକ୍ରମା ପରେ ପୀଠସ୍ଥଳକୁ ଅଣାଯାଇଥିଲା। ପୂଜକ ପର୍ଶୁରାମ ସାହଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜା ସମାପନ ହୋଇଥିଲା। ମାନସିକ ଧାରୀମାନେ ପୀଠରେ ଅଧିଆ ପଡିଥିଲେ। ମା'ଙ୍କ ପୂଜାର୍ଚ୍ଚନା ଓ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଗ୍ରାମ ସଭାପତି ପ୍ରଦୀପ ଗଡନାୟକ, ସମ୍ପାଦକ ଘନଶ୍ୟାମ ସାହୁ, ସରପଞ୍ଚ ମୋହନ ଚନ୍ଦ୍ର ସାହୁ, ବରିଷ୍ଠ ବେହେରା, କୈଳାସ ସାହୁ, ଗୌତମ ଗଡନାୟକ, ଡିଲେଶ୍ୱର ଗଡନାୟକ ସହଯୋଗ କରିଥିଲେ।

# ଟ୍ରାଫିକ୍, ପାର୍କିଂ ବ୍ୟବସ୍ଥା ହେବ କଡ଼ାକଡ଼ି

**ଅନୁଗୋଳ ଅଫିସ, ୨୫।୧୧**

## ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

ଅନୁଗୋଳ ଜିଲାରେ ସଡ଼କ ଦୁର୍ଘଟଣାର ହାର ହ୍ରାସ କରିବା ପାଇଁ ଗୁରୁବାର ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ୫୫ନଂ. ଜାତୀୟ ରାଜପଥରେ ଚିହ୍ନଟ ହୋଇଥିବା ୬ଟି ବ୍ଲାକ୍ ସ୍ପଟ୍‌ର ତୁରନ୍ତ ମରାମତି ନିମନ୍ତେ ଚଳିତ ମାସ ଶେଷ ଭାଗରେ ଟେଣ୍ଡର ଡାକିବାକୁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ସହରରେ ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥାକୁ ସୁଗମ କରିବାକୁ ଏକ ବହୁମୁଖୀ ଟିମ୍ ଗଠନ କରାଯାଇଛି। ରାଜସ୍ୱ, ପୋଲିସ, ତାମଡା, ପୌରପାଳିକା ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନେଇ ଏହି ଟିମ୍ ଗଢ଼ାଯାଇଛି। ବେଆଇନ୍ ଭାବେ ପାର୍କିଂ କରାଯାଇଥିବା ଓ ଜନଗହଳି ପୂର୍ଣ୍ଣ ସ୍ଥାନରେ ଗାଡ଼ି ଗୁଡ଼ିକ ପାର୍କିଂ ହୋଇଥିଲେ ଉକ୍ତ ଟିମ୍ ଯାଞ୍ଚ କରି କ୍ରେନ୍ ସାହାଯ୍ୟରେ ଗାଡ଼ି ଉଠାଇ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସହରରେ ହୋଇଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ମୁଖରେ ଗାଡ଼ି ନ ରଖିବାକୁ ଚୋତଇ ଦିଆଯାଇଛି। ବିନା ପାର୍କିଂ ବ୍ୟବସ୍ଥାରେ ଭେଣ୍ଡିଂ ଜୋନ ଚାଲିପାରିବ ନାହିଁ ଓ ଜେଲ୍ ପାଚେରି ପାଖରେ କୌଣସି ଦୋକାନ ବଜାର ହେବ ନାହିଁ ବୋଲି କୁହାଯାଇଛି। ଢେଙ୍କାନାଳ ଏମ୍‌ପିଙ୍କ ପତ୍ର ଅନୁଯାୟୀ ଜିଲାର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ସାପ୍ତାହିକ ହାଟ ଚାଲୁଥିବାରୁ ଏହାର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି। ସହରରେ ଥିବା ସମସ୍ତ ମଲ୍ ସେମାନଙ୍କ ପାର୍କିଂ ବ୍ୟବସ୍ଥା ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଇବେ। ସହରର ବିଭିନ୍ନ ଦୁର୍ଘଟଣା ପ୍ରବଣ ସ୍ଥାନରେ ଧଳା ସାଙ୍କେତିକ ଚିହ୍ନ ଓ ଲାଇଟ ବ୍ୟବସ୍ଥା କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଆଡିସିନାଲ ଏସ୍‌ପି ସୁରେଶ ପ୍ରସାଦ ପାଣିଗ୍ରାହୀ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ବିଭାଭଞ୍ଜନ ସାମନ୍ତସିଂହାର, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ସମରେନ୍ଦ୍ର ପଟ୍ଟନାୟକ, ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

# ସ୍ୱଚ୍ଛତା ସମ୍ପର୍କରେ ସଚେତନତା

**ବଅଁରପାଳ,୨୫।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ବଅଁରପାଳସ୍ଥିତ ନାଲ୍‌କୋ ପକ୍ଷରୁ ୨ ସପ୍ତାହ ଧରି ସ୍ୱଚ୍ଛତା ପକ୍ଷ ପାଳିତ ହେଉଛି। ଏହି ଅବସରରେ କର୍ମଚାରୀଙ୍କ ଦ୍ୱାରା ସଫେଇ ଅଭିଯାନ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତା ବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଛି। ନାଲ୍‌କୋ ଟାଉନଶିପ୍ ଜଗନ୍ନାଥ ମନ୍ଦିର ଓ ମାର୍କେଟ କମ୍ପ୍ଲେକ୍ସ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। କାଣ୍ଡସର ଦିବ୍ୟଜୀବନ ହାଇସ୍କୁଲ, ବଳରାମପ୍ରସାଦ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା କେତୋଟି ବିଦ୍ୟାଳୟରେ ସ୍ୱଚ୍ଛତା ଉପରେ ଆଲୋଚନା କରାଯାଇଛି। ସ୍କୁଲ ଗୁଡିକରେ ମଧ୍ୟ ସଫେଇ କାର୍ଯ୍ୟକ୍ରମ କରାଯାଉଛି। ନାଲ୍‌କୋ ପ୍ରଶାସନ ଓ ଫାଉଣ୍ଡେଶନ ବିଭାଗ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଡିଜିଏମ୍ ରାଜାରାମ ମିଶ୍ର, ଇଷ୍ଟେଟ ଅଧିକାରୀ ମଣିରଞ୍ଜନ ପଟ୍ଟନାୟକ ଓ ସମୀର ମାଝିଙ୍କ ସମେତ ଅନ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହେଉଛି।



ଅତିଥିଙ୍କୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରୁଛନ୍ତି।

# ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ତାଳଚେର,୨୫।୧୧(ନି.ପ୍ର.)**

ତାଳଚେରସ୍ଥିତ ପ୍ରାଚୀନ ଲୋକନୃତ୍ୟ ସଂଘର ୪ର୍ଥ ବାର୍ଷିକ ଉତ୍ସବ ତଥା ପୂଜ୍ୟପୂଜା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବୁଧବାର ସ୍ଥାନୀୟ ପଞ୍ଚାୟତ ସମିତି ସଭାଘର ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲ୍ ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏ.କେ. ସ୍ୱର୍ଣ୍ଣକାର ଯୋଗଦେଇ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଧୀରମୋହନ ରାୟ, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ବିଭୂତି ସାହୁ, ସୁରଭି ମହିଳା ମଣ୍ଡଳ ଅଧ୍ୟକ୍ଷା ଡଲି ମିଶ୍ର, ବରିଷ୍ଠ ଡାକ୍ତର ସୁସ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। କରୁଣାକର ବାଇ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଓ ସାମାଜିକ ଅନୁଷ୍ଠାନକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପସଭାପତି ନିରଞ୍ଜନ ସାମଲ, ପ୍ରଦୀପ ଭୂତିଆ, ମନୋରଞ୍ଜନ ଦାସ, ସିପୁନା ସାହ ପ୍ରମୁଖ ସହଯୋଗ କରିଥିଲେ।

# ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ



ଅଗ୍ନିଶମ କର୍ମଚାରୀମାନେ ମକ୍‌ଡ୍ରିଲ କରୁଛନ୍ତି।

**ବଇଣ୍ଡା,୨୫।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଜମ୍ମୁନାଳିସ୍ଥିତ କ୍ଷୀରୋଦବାସିନୀ କନ୍ୟାଶ୍ରମ ନିକଟରେ ବୁଧବାର ବାମୁର ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁରୁ କିଭଳି ରକ୍ଷା ପାଇହେବ ସେ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ନିଶମ ବିଭାଗ କର୍ମଚାରୀ ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ସାମଲ ଯୋଗଦେଇ ଛାତ୍ରୀଛାତ୍ରମାନେ କିଭଳି ନିଆଁରୁ ରକ୍ଷା ପାଇବେ ସେ ସମ୍ପର୍କରେ ମକ୍‌ଡ୍ରିଲ ମାଧ୍ୟମରେ ସଚେତନତା କରାଇଥିଲେ। ଅନ୍ୟତମ ଅତିଥି ଭାବେ ସ୍ମିତା ପଟ୍ଟନାୟକ, ସୁଜାତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ମରାମତି ଦାବିରେ ରାଜପଥ ଅବରୋଧ


ଗଡ଼ସନ୍ତ୍ରୀଠାରେ ବଣିକ ସଂଘ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

**ବଅଁରପାଳ,୨୫।୧୧(ଡି.ଏନ.ଏ.)**

ଅନୁଗୋଳ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ବହୁ ସ୍ଥାନ ଶୋଚନୀୟ ହୋଇପଡିଛି। ଅନୁଗୋଳ ଠାରୁ ଜୋରଗଡ଼ିଆ ପର୍ଯ୍ୟନ୍ତ ଅନେକ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ହେଲେ କର୍ତ୍ତୃପକ୍ଷ ମରାମତି କରୁ ନ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ଏହା ବିରୋଧରେ ଗୁରୁବାର ବଅଁରପାଳ ବଣିକ ସଂଘ ପକ୍ଷରୁ ଗଡ଼ସନ୍ତ୍ରୀ ଛକଠାରେ ରାସ୍ତାରୋକୋ କରାଯାଇଥିଲା। ସକାଳ ୫ଟା ଠାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ରାସ୍ତାରେ ବସିରହିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବଅଁରପାଳ, ନୂଆହତା ଓ ବୁଢ଼ାପଙ୍କ ଆଦି ଆଖପାଖ ଅଞ୍ଚଳର ଲୋକେ ଏଥିରେ ଯୋଗ ଦେଇଥିଲେ। ଘଟଣାସ୍ଥଳରେ ବଅଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ ପହଞ୍ଚି ବଣିକ ସଂଘ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା।

# ଟ୍ରକ୍ ଜବତ, ୪ ଗିରଫ

**ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ପୋଲିସ ଗୁରୁବାର ଏକ ସେନୋସ୍ଥିଅର ପାଉଁଶ ବୋଝେଇ ଟ୍ରକ୍ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୁଜରାଟ ରାଜକୋଟ ଅଞ୍ଚଳର ଘଡ ସବୀର ଭାଇ, ଅନୁଗୋଳ ରାଣୀଗୋଡାର ସୁମିତ ପ୍ରଧାନ, କଣିହାଁ ଡେରେଙ୍ଗର ସୁବାସ ଚନ୍ଦ୍ର ବେହେରା ଓ ବାବୁଲାଲ ସାହୁ। ପୋଲିସ କହିଛି, ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାସ ପାଟ୍ରୋଲିଂ କରୁଥିବା ବେଳେ ଚାଙ୍ଗୁଡିଆ କେନ୍ଦୁପଶି ଗ୍ରାମ ନିକଟସ୍ଥ ଏକ ପାଉଁଶ ଇଟା ଫାକ୍ଟ୍ରି ନିକଟରେ ଉକ୍ତ ୧୪ ଚକିଆ ଟ୍ରକ୍ କୋଶଳା ଆଡେ ଯାଉଥିବା ଦେଖି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଟ୍ରକ୍‌ରେ ବେଆଇନ ଭାବେ କଣିହାଁ ଥାନା ଅଞ୍ଚଳରୁ ସେନୋସ୍ଥିଅର ପାଉଁଶ ଗୁଜରାଟ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଏ ନେଇ ନଂ. ୫୪୪/୨୧ରେ ଏକ ମାମଲା ରୁଜୁ କରାଯିବା ସହିତ ପାଉଁଶ ବୋଝେଇ ଟ୍ରକ୍‌କୁ ଜବତ କରାଯାଇଥିଲା। ଜବତ ପାଉଁଶର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ ପ୍ରକାଶ କରିଛି।




# ହିତାଧିକାରୀଙ୍କୁ ସଚେତନ କଲେ ବିଧାୟକ

**ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ୫ଟି ପଞ୍ଚାୟତ ମାଛକୁଟା, ବସନ୍ତପୁର, ଶିମିଳିପାଳ, ବାଗଡ଼ିଆ ଓ ବରସାହିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟ ହେଲ୍‌ଥ କାର୍ଡ ଗୁରୁବାର ବଣ୍ଟନ କରାଯାଇଛି। ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଅଶୋକ କୁମାର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ହିତାଧିକାରୀମାନଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିବା ସହ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ସରପଞ୍ଚ କର୍ଣ୍ଣ ମାଝି, ଲକି ଦେହୁରୀ, ଲକ୍ଷ୍ମୀରାଣି ବେହେରା, ସଞ୍ଜୟ କୁମାର ଦେହୁରୀ ଏବଂ ବିଜୟ କୁମାର ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମାଛକୁଟା ପଞ୍ଚାୟତରେ ୧୦୮୮ ଜଣ, ଶିମିଳିପାଳରେ ୧୨୨୪, ବାଗଡ଼ିଆରେ ୧୩୦୯ ଏବଂ ବରସାହି ପଞ୍ଚାୟତର ୧୩୫୭ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା।


ଛେଣ୍ଡିପଦା ବିଧାୟକ ଜଣେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

# 'ଶିଶୁ ମନସ୍ତତ୍ତ୍ୱକୁ ପୁଞ୍ଜି କରନ୍ତୁ ଶିଶୁ ସାହିତ୍ୟିକ'

**ଅନୁଗୋଳ ଅଫିସ,୨୫।୧୧**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଗୋଳଠାରେ ଜିଲାସ୍ତରୀୟ ସାରସ୍ୱତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ 'ଶିଶୁ ମନସ୍ତତ୍ତ୍ୱ ଓ ଶିଶୁ ସାହିତ୍ୟ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଗୋଳ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସରଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ଶିଶୁ ସାହିତ୍ୟିକ ରବୀନ୍ଦ୍ରନାଥ ମାଝି, ମାନସ ରଞ୍ଜନ ସାମଲ ଓ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏକାଡେମୀର ଜିଲା ସଦସ୍ୟ ତଥା ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ଆଲୋଚନାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଶିଶୁ ମନସ୍ତତ୍ତ୍ୱକୁ ପୁଞ୍ଜିକରି ଲେଖାଯାଉଥିବା ଶିଶୁ ସାହିତ୍ୟ ଶିଶୁର ବିକାଶରେ ସହାୟକ ହୋଇପାରିବ ବୋଲି ଆଲୋଚକମାନେ ମତ ଦେଇଥିଲେ। ଶିଶୁ ସାହିତ୍ୟିକ ନିରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ଶିଶୁ ସାହିତ୍ୟିକମାନେ।

# ଚୋରା ସାମଗ୍ରୀ ଜବତ, ୩ ଗିରଫ

**ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ପୋଲିସ ଗୁରୁବାର ଏକ ଚୋରା ଲୁହା ପାଇପ୍ ବୋଝେଇ ପିକଅପ୍ ଭ୍ୟାନ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ପାଟ୍ରୋଲିଂ କରୁଥିବା ପୋଲିସ କଣିହାଁରୁ ଅନୁଗୋଳ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌କୁ ସନ୍ଦେହରେ ଥାନା ସମ୍ମୁଖରେ ଅଟକାଇ ଯାଞ୍ଚ କରିଥିଲା। ଗାଡ଼ିରେ ବେଆଇନ ଭାବେ କଣିହାଁ ଆଶ୍‌ପଣ୍ଡ ଅଞ୍ଚଳରୁ ୧୦ଟି ଲୁହା ପାଇପ ଯାଉଥିବା ଜାଣି ପୋଲିସ ଗାଡିକୁ ଜବତ କରିଥିଲା। ଗାଡ଼ି ଚାଳକ ରେଙ୍ଗାଳି ଥାନା ଅଞ୍ଚଳର ଚନ୍ଦ୍ରକାନ୍ତ ବେହେରା, କଣିହାଁ ଥାନା ଭୂଇଁପୁର ଅଞ୍ଚଳର ରଞ୍ଜନ ନାଏକ ଓ ଜଗବନ୍ଧୁ ନାଏକଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଥାନାରେ ନଂ. ୨୫୨/୨୧ରେ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ


ଜଣେ ହିତାଧିକାରୀଙ୍କୁ ବିଧାୟକ ସ୍ମାର୍ଟକାର୍ଡ ବଣ୍ଟନ କରୁଛନ୍ତି।

**ବଇଣ୍ଡା,୨୫।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଲୁହାମୁଣ୍ଡା, ବିଲେଇନାଳି, କଟରଙ୍ଗା, ଉରୁକୁଳା, ନାକିଚି, ଠେଲକନାଳି, ଆମ୍ବପାଳ, ଝରାବେରେଣି, ହିମିତିରା ପଞ୍ଚାୟତରେ ଗୁରୁବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ୨୨୫୦ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିଜେଡି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ବିଡିଓ ଡ. ସରୂପାନନ୍ଦ ସାହୁ, ଏବିଡିଓ ଜ୍ୟାତିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲା କାୟାକଳ୍ପ ଟିମ୍

**ଅନୁଗୋଳ ଅଫିସ, ୨୫।୧୧**

- ସଫେଇ କର୍ମଚାରୀଙ୍କୁ ତାଲିମ୍ ଦିଅ
- ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗୁରୁବାର କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ଏହି ଟିମ୍ ଆସିବା ପୂର୍ବରୁ ବୁଧବାର ରାତିରେ ମେଡିକାଲ ପରିସର ସଫେଇ ସହ ସୌନ୍ଦର୍ଯ୍ୟକରଣ ଦିଗରେ କର୍ତ୍ତୃପକ୍ଷ ଉଦ୍ୟମ କରିଥିବା ଦେଖିବାକୁ ମିଳିଥିଲା।

ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏସ୍.କେ. ଧଳ ଓ ହସ୍ପିଟାଲ ମ୍ୟାନେଜର ଅଲିଭା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ମେଡିକାଲରେ ଥିବା ବିଭିନ୍ନ ଅବ୍ୟବସ୍ଥାରେ ସୁଧାର ଆଣିବାକୁ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା। ମେଡିକାଲ ପରିମଳ ବ୍ୟବସ୍ଥା ଠିକ୍ ନ ଥିବା ଦେଖି ଟିମ୍ ସଦସ୍ୟମାନେ ବିରକ୍ତି ଭାବ ପ୍ରକାଶ କରିଥିଲେ। ଏହାକୁ ପ୍ରଥମେ ସୁଧାରିବାକୁ କହିବା ସହ ମିଳୁଥିବା ଚିକିତ୍ସା ସୁବିଧା ସମ୍ପର୍କରେ ଅଧିକରୁ ଅଧିକ ସୂଚନା ଫଳକ ଲଗାଇବାକୁ ପରାମର୍ଶ ଦେଇଥିଲେ। ଟିମ୍ ସଦସ୍ୟମାନେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଏମ୍‌ସିଏଚ୍ ବିଲ୍ଡିଂ, ଏସ୍‌ଏନ୍‌ସିୟୁ, ଶିଶୁ ୱାର୍ଡ, ଓଟି, ଲେବର ରୁମ୍ ଆଦି ବୁଲି ଦେଖିଥିଲେ। ପରେ ପର୍ଯ୍ୟାୟକ୍ରମେ ମେଡିକାଲର ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ସହ ସ୍ୱଚ୍ଛତା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ରେକର୍ଡଗୁଡ଼ିକ କିଭଳି ଭାବେ ସଜାଇ ରଖାଯିବ ସେ ନେଇ କହିଥିଲେ। ସଫେଇ କର୍ମଚାରୀଙ୍କୁ ଅଧିକ ତାଲିମ ପ୍ରଦାନ ଓ ମେଡିକାଲ ପାଚେରିକୁ ଲାଗି ଥିବା ଦୋକାନ ଉଚ୍ଛେଦ କରିବାକୁ କହିଛନ୍ତି। ଏହି ଟିମ୍ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ରାଜ୍ୟସ୍ତରୀୟ ଟିମ୍ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଆସିବ। ୪ ଜଣିଆ ଟିମ୍ ପରିଦର୍ଶନ ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ମ୍ୟାନେଜର ଦେବାଶିଷ ଦାଶ, ଜିଲା ମ୍ୟାଲେରିଆ ଅଧିକାରୀ ପୂର୍ଣ୍ଣିମା ଉଦ୍‌ଗାତା, ମାଇକ୍ରୋ ବାୟୋଲୋଜିଷ୍ଟ ଏସ୍.ଏସ୍. ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ମେଡିକାଲରେ ପହଞ୍ଚିଥିବା କାୟାକଳ୍ପ ଟିମ୍‌ର ସଦସ୍ୟଙ୍କ ସହ ଅନ୍ୟମାନେ।

# ରେଳରୋକୋ ପାଇଁ ବୈଠକ

**ବଇଣ୍ଡା,୨୫।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପାଠାରେ ରେଳରୋକୋ ପାଇଁ ଗୁରୁବାର ମା' ମାହେଶ୍ୱରୀ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ହଣ୍ଡପାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପ୍ରଦୀପ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଅଞ୍ଚଳବାସୀ ଯୋଗ ଦେଇଥିଲେ। ହଣ୍ଡପାଠାରେ କୋଇଲା ଡିପୋ ନିର୍ମାଣ ହୋଇଥିବାବେଳେ ଏହାକୁ ଉଚ୍ଛେଦ କରିବା ଦାବିରେ ଆଗାମୀ ଦିନରେ ରେଳରୋକୋ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

# ତେଜୁଛି ଅଣ୍ଡାଫିଙ୍ଗା ରାଜନୀତି

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

■ ଆଗକୁ ଆନ୍ଦୋଳନ ଆହୁରି ଜୋର୍‌ଦାର ହେବ: ବିରୋଧୀ

■ ବିରୋଧୀଙ୍କ ବିରୋଧ ଢଙ୍ଗ ଠିକ୍ ନୁହେଁ: ଶାସକ

ରାଜ୍ୟରେ ଏବେ ଶାସକ, ବିରୋଧୀ ପରସ୍ପରକୁ ଅଣ୍ଡାମାଡ଼ କରିବା ରାଜନୀତିରେ ମାତିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ବିରୋଧୀ ଦଳ ନିଜର ଆକ୍ରମଣ ଆଭିମୁଖ୍ୟକୁ ଜୋରଦାର କରିଛି। କଳାହାଣ୍ଡି ଜିଲା ମହାଲିଙ୍ଗ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାରେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଟାର୍ଗେଟ କରି ଚାଲିଛନ୍ତି। ଏହି ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗ କରି ମନ୍ତ୍ରିମଣ୍ଡଳରୁ ତାଙ୍କୁ ବହିଷ୍କାର କରିବାକୁ ଅଡ଼ିବସିଛନ୍ତି। ଶାସକ ଦଳ ବିରୋଧୀ ଦଳ ଦାବି ଆଗରେ ହାର ମାନୁନାହିଁ। ଏପରି କି ବିରୋଧୀ ଦଳ ପକ୍ଷରୁ ବିକ୍ଷୋଭ, କୁଶପୁତ୍ତଳିକା ଦାହ, ଓଡ଼ିଶା ବନ୍ଦ ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ କୌଣସି ପଦକ୍ଷେପ ନେଉନାହାନ୍ତି। ନିଜ ଆଭିମୁଖ୍ୟରେ ସଫଳ ହୋଇପାରୁ ନ ଥିବା ବିରୋଧୀ ଦଳ ଶେଷରେ ଅଣ୍ଡାମାଡ଼ କରିବା ପନ୍ଥା ଆପଣାଇଥିବା ରାଜନୈତିକ ବିଶ୍ଳେଷକ ମତ ଦେଉଛନ୍ତି।

ମମିତା ମେହେର ପ୍ରସଙ୍ଗକୁ ନେଇ ଭାଜପା ପ୍ରଥମେ ଅଣ୍ଡାମାଡ଼ ରାଜନୀତି ଆରମ୍ଭ କରିଥିବା ବେଳେ ଏଥିରେ ବିଜେଡି ଓ କଂଗ୍ରେସ ମଧ୍ୟ ସାମିଲ ହୋଇଛନ୍ତି। ଭାଜପା କର୍ମୀମାନେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନଙ୍କୁ କଳାପତାକା ଦେଖାଇବା ସହ ଗାଡ଼ି ଉପରକୁ ଅଣ୍ଡାମାଡ଼ କରୁଛନ୍ତି। ଅନ୍ୟପକ୍ଷରେ ବିଜେଡି ଓ କଂଗ୍ରେସ କର୍ମୀମାନେ ମଧ୍ୟ ପେଟ୍ରୋଲ, ଡିଜେଲ, ଗ୍ୟାସ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିକୁ ନେଇ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟର ଏମ୍‌ପିଙ୍କୁ ଅଣ୍ଡାମାଡ଼ କରୁଛନ୍ତି। କଂଗ୍ରେସ ମମିତା ମେହେର ଘଟଣାରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ କଳାପତାକା ଦେଖାଇବା ସହ ଅଣ୍ଡା ଫିଙ୍ଗି ବିରୋଧ କରୁଛନ୍ତି।

ଗୁରୁବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଗାଡ଼ି ଉପରକୁ ଛାତ୍ର କଂଗ୍ରେସ କର୍ମୀମାନେ ଅଣ୍ଡାମାଡ଼ କରିଥିବା ଅଭିଯୋଗ ହୋଇଛି। ଯୁବ କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ଦେଶରେ ବେକାରି ସମସ୍ୟା ଉତ୍କଟ ହୋଇଛି। ଭୁବନେଶ୍ୱରରୁ ପ୍ରତିନିଧିତ୍ୱ କରୁଥିବା ଏମ୍‌ପି ସ୍ମାର୍ଟ ସିଟିର ବେକାରିଙ୍କ ପାଇଁ କିଛି କରିନାହାନ୍ତି। ବେକାରି ସମସ୍ୟା ସହ ପେଟ୍ରୋଲ, ଡିଜେଲ ଦର ଏବଂ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ଜୀବନକୁ ଦୁର୍ବିଷହ କଲାଣି। ସେଥିପାଇଁ ଛାତ୍ର କଂଗ୍ରେସ କର୍ମୀମାନେ ଅଣ୍ଡାମାଡ଼ କରିଛନ୍ତି। ଆଗାମୀ ଦିନରେ ଆହୁରି ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ନଭେମ୍ବର ୨୧ ତାରିଖରେ କେନ୍ଦ୍ରାପଡ଼ାଠାରେ ବିଜୁ ଛାତ୍ର ଜନତା ଦଳର କର୍ମୀମାନେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ କଳାପତାକା ଦେଖାଇବା ସହ ତାଙ୍କ ଗାଡ଼ି ଉପରକୁ ଅଣ୍ଡା ମାଡ଼ କରିଥିବା ଅଭିଯୋଗ ହୋଇଥିଲା। ସେହିପରି ଭାଜପା କର୍ମୀମାନେ ନଭେମ୍ବର ୨୪ରେ ପୁରୀ ହସ୍ପିଟାଲ ଛକ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାରକେଡ୍ ଉପରକୁ ଅଣ୍ଡା ଫିଙ୍ଗିଥିଲେ। ଏହା ପୂର୍ବରୁ ଭାଜପା କର୍ମୀମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିଥିବା ଅଭିଯୋଗ ହୋଇଛି। ଅଣ୍ଡାମାଡ଼ ରାଜନୀତିକୁ ବିରୋଧୀ କର୍ମୀମାନେ ଆପଣାଇଥିବା ବେଳେ ବିରୋଧୀ ଦଳ ନେତାମାନେ ମଧ୍ୟ ଏହାକୁ ସମର୍ଥନ କରୁଛନ୍ତି।

ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ମମିତା ହତ୍ୟା ଏକ ସାଧାରଣ ହତ୍ୟା ନୁହେଁ, ଏହା ନିର୍ମମ ହତ୍ୟା। ଏହାକୁ ନେଇ ସରକାର କାହିଁକି ଚୁପ୍ ବସିଛନ୍ତି। ବିରୋଧର ସ୍ୱର ଉଠିଛି। ଆହୁରି ଉଠିବ। ଆମେ ଚାହୁଁଛୁ ଏହାର ସିବିଆଇ ତଦନ୍ତ ହେବା ଦରକାର। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଦରଦାମ ବୃଦ୍ଧିକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ବିରୋଧୀ ଦଳର କାମ। ଦେଶରେ ବେକାରି, ଚାଷୀ ସମସ୍ୟା, ଦରଦାମ ବୃଦ୍ଧି ଯୋଗୁ ସମସ୍ତେ ଅସୁବିଧାରେ ଅଛନ୍ତି। ଏହାକୁ ନେଇ ଆମେ ଆନ୍ଦୋଳନ କରୁଛୁ। ଆଗାମୀ ଦିନରେ ଆହୁରି ଜୋରଦାର କରିବୁ ବୋଲି ସେ କହିଛନ୍ତି। ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଅମର ଶତପଥୀ କହିଛନ୍ତି ଯେ ବିରୋଧୀ ଦଳ ଲୋକଙ୍କ ପାଖରେ ଗ୍ରହଣୀୟ ହେଉନାହାନ୍ତି। ଗଣତନ୍ତ୍ରରେ ବିରୋଧ କରିବା ସମସ୍ତଙ୍କର ଅଧିକାର ଅଛି। କିନ୍ତୁ ବିରୋଧୀ ଯେଉଁ ତରିକା ଆପଣାଉଛନ୍ତି ତାହା ଗ୍ରହଣୀୟ ନୁହେଁ।

## ଅର୍ଥମନ୍ତ୍ରୀ, ପରିବହନ ମନ୍ତ୍ରୀଙ୍କୁ ଅଣ୍ଡାମାଡ଼

ବାଉଁଶୁଣୀ, ୨୫।୧୧(ଡି.ଏନ.ଏ.): ବୌଦ୍ଧ ବ୍ଲକ ବଲାସିଙ୍ଗାଠାରେ ଗୁରୁବାର ଅପରାହ୍ନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଭାଜପା ଯୁବମୋର୍ଚ୍ଚା କଳାପତାକା ପ୍ରଦର୍ଶନ ସହ ଅଣ୍ଡାମାଡ଼ କରିଛି। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଓମ୍ ପ୍ରକାଶ ମିଶ୍ର, ସଂଯୋଜକ ନାରାୟଣ କର୍ମୀଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ ଭାଜପା ନେତା ବଲାସିଙ୍ଗା ଛକରେ ଅଟକି ରହିଥିଲେ। ଉଭୟ ମନ୍ତ୍ରୀ ସୁବର୍ଣ୍ଣପୁରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନ କରି ବୌଦ୍ଧ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଥିବା ବେଳେ ସେମାନେ ଗାଡି ସାମନାକୁ ଚାଲି ଆସି ବିରୋଧ କରିଥିଲେ। ମମିତା ମେହେର ଅପହରଣ, ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଓ ଗିରଫ କରା ନ ଯିବା ଯାଏ ଏହିଭଳି ପ୍ରତିବାଦ ଜାରି ରହିବ ବୋଲି ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି।

## 'ଜିନ୍ନା' ବାହାନାରେ ଏସ୍‌ପିକୁ ଟାର୍ଗେଟ

ୟୁପିରେ ଯୋଗୀଙ୍କ ଧ୍ରୁବୀକରଣ

ନୋଏଡା,୨୫।୧୧



ଦେଶରେ ଏବେ ନୂଆ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଗନ୍ନା (ଆଖୁ)ର ମଧୁରତାକୁ ନୂଆ ଉଡ଼ାଣ ମିଳିବ ନା ପାକିସ୍ତାନ ପ୍ରତିଷ୍ଠାତା ମହମ୍ମଦ ଅଲୀ ଜିନ୍ନାଙ୍କ ଅନୁଗାମୀମାନେ ଉତ୍ତର ପ୍ରଦେଶରେ ଉତ୍ପାତ କରିବେ। ଦେଶକୁ ଏହା ସ୍ଥିର କରିବାକୁ ପଡ଼ିବ ବୋଲି ଗୁରୁବାର ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ୟୁପି ବିଧାନସଭା ନିର୍ବାଚନକୁ କିଛି ମାସ ବାକି ଥିବାବେଳେ ଜେୱାରରେ ନୋଏଡା ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗୀ ବିରୋଧୀ ସମାଜବାଦୀ ପାର୍ଟି (ଏସ୍‌ପି)କୁ ଟାର୍ଗେଟ କରି ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟ ବିକାଶ ଧାରାରେ ଆଗେଇ ଚାଲିଛି। କିନ୍ତୁ କେତେଜଣ ବ୍ୟକ୍ତି କ୍ରମାଗତ ଭାବେ ଦଙ୍ଗା ଭିଆଇ ଆଖୁରେ ତିକ୍ତତା ଭରିବାକୁ ଉଦ୍ୟମ କରିଛନ୍ତି। ତେଣୁ ଗନ୍ନା ଓ ଜିନ୍ନା ଭିତରୁ ଗୋଟିଏକୁ ବାଛିବା ପାଇଁ ଦେଶ ଏବେ ନିଷ୍ପତ୍ତି ନେବ ବୋଲି ଯୋଗୀ କହିଛନ୍ତି। ପ୍ରକାଶ ଯେ, ଗତମାସରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଗାନ୍ଧୀ, ପଟେଲ ଓ ନେହେରୁଙ୍କ ସହ ଜିନ୍ନାଙ୍କୁ ତୁଳନା କରିଥିଲେ। ସେମାନେ ସମସ୍ତେ ସ୍ୱାଧୀନତା ପାଇଁ ଲଢ଼େଇ କରିଥିବା ସେ କହିଥିଲେ। ଅଖିଳେଶଙ୍କ ମନ୍ତବ୍ୟକୁ ନେଇ ଭାଜପା ପକ୍ଷରୁ ସମାଲୋଚନା କରାଯାଉଥିବାବେଳେ ଯୋଗୀ ଏବେ ଭୋଟ ଧ୍ରୁବୀକରଣ ପାଇଁ ପୁଣି ଟାର୍ଗେଟ କରିଛନ୍ତି।

## ଭାଜପା, କଂଗ୍ରେସ ସମର୍ଥକଙ୍କୁ ନିସ୍ତୁକ ମାଡ଼

ସୋନପୁର,୨୫।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଗୁରୁବାର ଶୁଭାରମ୍ଭ ହୋଇଛି। ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ କାର୍ଯ୍ୟକ୍ରମରେ ଯୋଗଦେଇ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିଥିଲେ। ଭଗବତୀ କଲ୍ୟାଣ ମଣ୍ଡପରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରି ତିନି ମନ୍ତ୍ରୀ ଫେରୁଥିବା ସମୟରେ ଭାଜପା ନଗର ସଭାପତି ଜଗଜ୍ୟୋତି ତ୍ରିପାଠୀ ବଡବଜାର ସ୍କୁଲ ସମ୍ମୁଖରେ କଳାପତାକା ପ୍ରଦର୍ଶନ କରିଥିଲେ। ଏହି ସମୟରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ସାଥିରେ ଆସିଥିବା ୧୦ରୁ ୧୨ ଜଣ କାରରୁ ଓହ୍ଲାଇ ତ୍ରିପାଠୀଙ୍କୁ ନିସ୍ତୁକ ବିଧା ଓ ଗୋଇଠା ମାରିଥିବା ସୋନପୁର ଥାନାରେ ଅଭିଯୋଗ ହୋଇଛି। ଥନାପତିପଡା ଅଞ୍ଚଳର ତ୍ରିପାଠୀ ଗୁରୁତର ଆହତ ହୋଇଛନ୍ତି। ଅପରାହ୍ନ ସାଢେ ୩ଟାରେ ଏହି ଘଟଣା ଘଟିଛି। ସେହିପରି ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ସମୟରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା ତଥା ବିନିକା ଥାନା ଉର୍ଲେ ଅଞ୍ଚଳର ଟିକୁ ହୋତା ଅଣ୍ଡା ଫିଙ୍ଗିଥିଲେ। ତାଙ୍କୁ ୩୦ରୁ ୪୦ ଜଣ ବିଜେଡି ସମର୍ଥକ ସଭାସ୍ଥଳରୁ ଆସି ନିସ୍ତୁକ ମାଡ ମାରିଥିବା ଅଭିଯୋଗ ହୋଇଛି। ଟିକୁଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ତାଙ୍କ ଆଖି ପତା ଫାଟିବା ସହ ୩ଟି ଷ୍ଟିଚ୍ ପଡିଛି। ଅନ୍ୟପକ୍ଷେ ଟିକୁଙ୍କ ସାଙ୍ଗ ବିନିକା ଥାନା ଗଣେଶ୍ୱରପୁର ଅଞ୍ଚଳର ପ୍ରଶାନ୍ତ କୁମାର ପଣ୍ଡା ସମଲେଇ ମନ୍ଦିର ପାର୍ଶ୍ୱରେ ଚା ପିଉଥିବା ବେଳେ ତାଙ୍କୁ ମାଡ ହୋଇଛି। ପ୍ରଶାନ୍ତଙ୍କ ମୁଣ୍ଡ ଓ ମୁହଁ ଫାଟିଛି । ଏହି ଘଟଣାରେ ଟିକୁ ହୋତା ଓ ଜଗଜ୍ୟୋତି ତ୍ରିପାଠୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।



ଆହତ ସୋନପୁର ଛାତ୍ର କଂଗ୍ରେସ କର୍ମୀ।

## ଅପରାଜିତାଙ୍କ ଗାଡ଼ିକୁ ଅଣ୍ଡାମାଡ଼

ଭୁବନେଶ୍ୱର/ବାଲିପାଟଣା, ୨୫।୧୧(ବ୍ୟୁରୋ/ଡି.ଏନ୍.ଏ)

ଉଭୟ ପକ୍ଷରୁ ଥାନାରେ ଅଭିଯୋଗ



ବାଲିପାଟଣାଠାରେ ଏମ୍‌ପି ଅପରାଜିତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରାଯାଉଛି।

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଗାଡ଼ି ଉପରକୁ ଗୁରୁବାର ଅଣ୍ଡାମାଡ଼ ହୋଇଛି। ବାଲିପାଟଣା ବ୍ଲକ ଅନ୍ତର୍ଗତ ଭାପୁର ଗ୍ରାମରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଏମ୍‌ପି ଷଡ଼ଙ୍ଗୀ ଯାଉଥିବାବେଳେ ସରିପୁର ଛକଠାରେ କେତେଜଣ ଛାତ୍ର କଂଗ୍ରେସ କର୍ମୀ ଏମ୍‌ପିଙ୍କ ଗାଡି ଉପରକୁ ଅଣ୍ଡାମାଡ଼ କରିବା ସହ କଳାପତକା ଦେଖାଇଥିଲେ। ପିସିଆର ଘଟଣାସ୍ଥଳରେ ପହଞ୍ଚିବା ପରେ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ଘଟଣା ପରେ ଏମ୍‌ପି ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସଚିବ ଧନେଶ୍ୱର ବାରିକ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ମାମଲା (ନଂ ୩୦୯/୨୧)ରୁଜୁ କରି ଛାତ୍ର କଂଗ୍ରେସର ଜଣେ କର୍ମୀଙ୍କୁ ଅଟକ ରଖିଛି। ଅନ୍ୟପଟେ ନିଜ କର୍ମୀଙ୍କୁ ମାଡ଼ ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ପାଲଟା ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ. ୩୧୦/୨୧) ରୁଜୁ କରି ତଦନ୍ତ ଚଳାଇଛି। ଏ ନେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସର ଦର ବୃଦ୍ଧି,କୃଷି ଆଇନକୁ ବିରୋଧ କରି ୭୫୦ ଚାଷୀଙ୍କ ମୃତ୍ୟୁ ଆଦି ପ୍ରସଙ୍ଗକୁ ବିରୋଧ କରି ଏମ୍‌ପି ଅପରାଜିତାଙ୍କୁ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ର ସରକାର ବିରୋଧରେ ପ୍ରଦେଶ ଛାତ୍ର କଂଗ୍ରେସ ରାଜ୍ୟ ସାରା ତା'ର ପ୍ରତିବାଦ ଜାରି ରଖିବ ବୋଲି ନୱାଜ କହିଛନ୍ତି।

## ଦର ବୃଦ୍ଧିକୁ ନେଇ ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ଜନଜାଗରଣ ଅଭିଯାନ

ଏଆଇସିସିର ଆହ୍ୱାନକ୍ରମେ ଗୁରୁବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଜନଜାଗରଣ ଅଭିଯାନ ଅନୁଷ୍ଠିତ ହୋଇଛି। ରନ୍ଧନ ଗ୍ୟାସ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ନାରା ବାଜି ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ରାଜମହଲ ଛକଠାରେ ଏକାଠି ହୋଇଥିଲେ। 'ବହୁତ ହୋଇଗଲା ଦରଦାମ ବୃଦ୍ଧି, ଏଥର ହଟିବେ ନବୀନ-ମୋଦି' ଆଦି ବିଭିନ୍ନ ନାରା ଦେଇଥିଲେ। ସ୍ମୃତିରଞ୍ଜନ କହିଛନ୍ତି, ଅଚ୍ଛେ ଦିନ୍, ଖରାପ ଦିନଠୁ ବି ଭୟଙ୍କର ହୋଇଗଲା। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ଅହେତୁକ ଭାବେ ବୃଦ୍ଧି ପାଇଥିବାବେଳେ ରନ୍ଧନ ଗ୍ୟାସ ମୂଲ୍ୟ ଆସି ୧ ହଜାର ଟଙ୍କା ଛୁଇଁବାକୁ ବସିଲାଣି। ସେପଟେ କଂଗ୍ରେସ ଓ ଭାଜପାଠାରୁ ସମଦୂରତା ରକ୍ଷା କଥା କହୁଥିବା ବିଜୁ ଜନତା ଦଳ ମଧ୍ୟ ଏସବୁ କାର୍ଯ୍ୟରେ ଭାଜପା ସରକାରକୁ ସମର୍ଥନ ଦେଇଆସୁଛି। ତେଣୁ ଭାଜପା ଓ ବିଜେଡି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ବୋଲି ଲେଙ୍କା କହିବା ସହ ଏହା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଯୁବ ନେତା ଶ୍ରୀନିବାସ ବିଭି ଓ କ୍ରିଷ୍ଣା ଆଲାବାରୁଙ୍କ ନେତୃତ୍ୱରେ ସାରା ଦେଶରେ ଜନଜାଗରଣ ଅଭିଯାନ ଚାଲିଛି। ଏହି ଅଭିଯାନରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଦେବଦତ ପାତ୍ର, ବିଶ୍ୱରଞ୍ଜନ ଦାସ, ସମ୍ପାଦକ ବୀରେନ କୁମାର ଦଳେଇ, ସ୍ମୃତି ମନ୍ତ୍ରୀ, ଜ୍ଞାନ ରଞ୍ଜନ ରାଉତ, ଆଦିତ୍ୟ ପ୍ରସାଦ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

## ୩୦ ଯାଏ ମହଲତ ଦେଲା ବିଜେଡି

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)




ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ରନ୍ଧନ ଗ୍ୟାସ୍ ଦର ବୃଦ୍ଧି

■ ହ୍ରାସ ନ ହେଲେ ଆନ୍ଦୋଳନ ଜୋର୍‌ଦାର

ରନ୍ଧନ ଗ୍ୟାସ୍ ଦର ବୃଦ୍ଧିର ପ୍ରତିବାଦ କରି ବିଜୁ ଜନତା ଦଳ ପକ୍ଷରୁ ଗତ ୨୨, ୨୩ ଓ ୨୪ ତାରିଖରେ ହୋଇଥିବା ଆନ୍ଦୋଳନକୁ ରାଜ୍ୟବାସୀ ବିପୁଳ ସମର୍ଥନ କରିଥିବା ଦଳ ତରଫରୁ କୁହାଯାଇଛି । ଏଥିପାଇଁ ରାଜ୍ୟବାସୀଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି ବିଜେଡିର ତିନି ବିଧାୟକ ବ୍ୟୋମକେଶ ରାୟ, ପ୍ରଣବ ବଳବନ୍ତରାୟ ଓ ଦେବୀ ରଞ୍ଜନ ତ୍ରିପାଠୀ । ତେବେ ଆସନ୍ତା ୩୦ ତାରିଖ ସୁଦ୍ଧା ଗ୍ୟାସ୍ ଦର ନ କମିଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ଗୁରୁବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ୩ ବିଧାୟକ କହିଛନ୍ତି, ବିଶ୍ୱର କୌଣସି ଦେଶରେ କେବେ ବି ରନ୍ଧନ ଗ୍ୟାସ୍ ଦର ଏତେ ଦ୍ରୁତ ଗତିରେ ଏତେ ପରିମାଣରେ ବଢ଼ିନାହିଁ । ୨୦୧୪ରେ ଯେତେବେଳେ ଭାଜପା ସରକାର କେନ୍ଦ୍ରରେ କ୍ଷମତାକୁ ଆସିଲେ ସେତେବେଳେ ଗ୍ୟାସ୍ ସିଲିଣ୍ଡରର ଦର ଥିଲା ୪୧୪ ଟଙ୍କା । ଗତ ୭ ବର୍ଷ ଭିତରେ ଦର ଦୁଇଗୁଣରୁ ଅଧିକ ବଢ଼ି ୯୩୦ ଟଙ୍କା ଛୁଇଁଲାଣି । କରୋନା ଭଳି ମହାମାରୀ ସଙ୍କଟ ବେଳେ ପ୍ରତି ମାସରେ ୨୦ରୁ ୭୫ ଟଙ୍କା ପର୍ଯ୍ୟନ୍ତ ବଢ଼ାଯାଇ ସାଧାରଣ ଲୋକଙ୍କ ହାଣ୍ଡିଶାଳ ଉପରେ ମାଡ଼ କରାଯାଉଛି । ରନ୍ଧନ ଗ୍ୟାସ୍‌ର ଏଭଳି ଅହେତୁକ ଦରବୃଦ୍ଧି କରି କେନ୍ଦ୍ର ସରକାର ଗରିବ ଓ ମଧ୍ୟବିତ୍ତଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇ ସାରିଲେଣି। ଲୋକେ ତ୍ରାହି ତ୍ରାହି ଡାକିଲେଣି ଓ ଏହାର ପ୍ରତିବାଦରେ ବିଜୁ ଜନତା ଦଳର ଡାକରାରେ ରାସ୍ତାକୁ ଓହ୍ଲାଇଲେଣି । ମାତ୍ର କେନ୍ଦ୍ର ସରକାରଙ୍କ ନିଦ ଭାଙ୍ଗୁ ନାହିଁ । ଓଲଟା ରାଜ୍ୟ ଭାଜପା ନେତୃବୃନ୍ଦ ସରକାରକୁ ବଞ୍ଚାଇବା ଲାଗି ମିଛର ସାହାରା ନେଉଛନ୍ତି । ଉଦ୍ଭଟ ଓ ହାସ୍ୟାସ୍ପଦ ଯୁକ୍ତି ବାଢୁଛନ୍ତି । ଲୋକଙ୍କୁ ଭୁଆଁ ବୁଲାଇବାକୁ ଯାଇ କହୁଛନ୍ତି, ଅନ୍ତର୍ଜାତୀୟ ବଜାରରେ ପ୍ରାକୃତିକ ଗ୍ୟାସ ଓ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁ ଦେଶରେ ରନ୍ଧନ ଗ୍ୟାସ୍ ଦର ବଢ଼ୁଛି । ଅନୁରୂପ ଭାବେ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ମଧ୍ୟ କେନ୍ଦ୍ର ସରକାର ଲୋକଙ୍କୁ ମିଛ ସଫଳତାର କାହାଣୀ ଶୁଣାଇ ଚାଲିଛନ୍ତି। ଏହି ଯୋଜନାକୁ ବହୁ ଆଡ଼ମ୍ବରରେ ଆରମ୍ଭ କଲାବେଳେ ସରକାର କେତେ ସ୍ୱପ୍ନ ଦେଖାଇଥିଲେ । ମାତ୍ର ଗ୍ୟାସ୍‌ର ଦରବୃଦ୍ଧି ଯୋଗୁ ଉଜ୍ଜ୍ୱଳା ଯୋଜନାର ଅଧିକାଂଶ ହିତାଧିକାରୀ ମହିଳା ସିଲିଣ୍ଡରରେ ଗ୍ୟାସ୍ ଭର୍ତ୍ତି କରି ନ ପାରି ପୁଣି ଚୁଲିମୁଣ୍ଡକୁ ଫେରି ଯାଇଛନ୍ତି। ଏ ସବୁ ପ୍ରତିଶ୍ରୁତି ଯେ ଫମ୍ପା ଥିଲା, ତାହା ସେମାନେ ବୁଝି ସାରିଲେଣି। ଆଗାମୀ ଦିନରେ ମହିଳାମାନେ ଏହାର ଉଚିତ ଜବାବ ଦେବେ । ବିଜୁ ଜନତା ଦଳ ସବୁବେଳେ ରାଜ୍ୟର ସାଢେ ଚାରିକୋଟି ଓଡ଼ିଆଙ୍କ ସ୍ୱାର୍ଥରକ୍ଷା ପାଇଁ କାମ କରି ଆସୁଛି । ଏହି ପରିପ୍ରେକ୍ଷୀରେ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ବ୍ୟାପକ ଆନ୍ଦୋଳନର ଡାକରା ଦିଆଯାଇଥିଲା। ଚଳିତ ମାସ ୨୨, ୨୩, ୨୪ ତିନିଦିନ ଧରି ଦଳ ପକ୍ଷରୁ ସାରା ରାଜ୍ୟର ମହିଳା, ଯୁବକ, ଛାତ୍ର ଓ ସାଧାରଣ ଜନତାଙ୍କ ପକ୍ଷରୁ ଏହି ଆନ୍ଦୋଳନକୁ ବିପୁଳ ସମର୍ଥନ ମିଳିଛି। ଏଥି ସହିତ କେନ୍ଦ୍ର ସରକାରଙ୍କୁ ପୁଣିଥରେ ଚେତାବନୀ ଦେଉଛୁ କି ଯଦି ସରକାର ଆଗାମୀ ୩୦ ତାରିଖ ଭିତରେ ଗ୍ୟାସ୍ ଦର କମାଇବାକୁ ପଦକ୍ଷେପ ନ ନିଅନ୍ତି, ତେବେ ବିଜୁ ଜନତା ଦଳ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ୩ ବିଧାୟକ କହିଛନ୍ତି।

## ତୃଣମୂଳ ସ୍ତରରେ କଂଗ୍ରେସକୁ ସୁଦୃଢ଼ ଲାଗି ଖସଡ଼ା

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ତୃଣମୂଳ ସ୍ତରରେ କଂଗ୍ରେସକୁ ସୁଦୃଢ କରିବା ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ହୋଇଛି। ସଭ୍ୟ ସଂଗ୍ରହ ଅଭିଯାନ ମାଧ୍ୟମରେ ରାଜ୍ୟରେ ଅନ୍ୟୁନ ୧୦ ଲକ୍ଷ ସଦସ୍ୟତା ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିସହିତ ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଓ ବାଂଲାଦେଶ ମୁକ୍ତି ଯୁଦ୍ଧର ସ୍ମରଣୀୟ ସୁବର୍ଣ୍ଣ ଜୟନ୍ତୀକୁ ରାଜ୍ୟବ୍ୟାପୀ ପାଳନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ପ୍ରଦେଶ କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ କହିଛନ୍ତି, ସ୍ୱାଧୀନତା ଦିବସର ୭୫ ବର୍ଷ ପୂର୍ତ୍ତି ପାଳନ ପାଇଁ ଏକ କମିଟି ଗଠନ କରାଯାଇଛି। କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କମିଟି ଅଧ୍ୟକ୍ଷ ଥିବାବେଳେ ରାଜ୍ୟ ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଆବାହକ ରହିଛନ୍ତି। ସେହିପରି ବାଙ୍ଗଲାଦେଶ ମୁକ୍ତି ଯୁଦ୍ଧର ସ୍ମରଣୀୟ ସ୍ୱର୍ଣ୍ଣଜୟନ୍ତୀ ଆସନ୍ତା ଡିସେମ୍ବର ୭ରେ ଦିନ ପାଳନ କରାଯିବ। ଅପରପକ୍ଷେ, ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ସଭ୍ୟ ସଂଗ୍ରହ ଅଭିଯାନ ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ନିରନ୍ତର ଚାଲୁ ରହିବ। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ସଭ୍ୟଭୁକ୍ତ ହୋଇଥିବା ସଭ୍ୟ କଂଗ୍ରେସର ଦଳୀୟ ନିର୍ବାଚନରେ ଭାଗ ନେଇପାରିବେ। ରାଜ୍ୟର ପ୍ରତି ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ ୫ଜଣ ସଦସ୍ୟଙ୍କୁ ନେଇ ସହାୟତା କେନ୍ଦ୍ର ମାଧ୍ୟମରେ ଲୋକଙ୍କୁ ସରକାରୀ ଯୋଜନା ଓ ସୁବିଧାସୁଯୋଗ ମିଳିବା ନିମନ୍ତେ କଂଗ୍ରେସ ସଂଘର୍ଷ ଜାରି ରଖିବ ବୋଲି ପିସିସି ଉପସଭାପତି ବାବୁ ସୂଚନା ଦେଇଛନ୍ତି।

**ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର**

ଓଡ଼ିଶାର ଅଗ୍ରଣୀ ଦୈନିକ ଖବରକାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବଲାଙ୍ଗିର ପୌର ପରିଷଦ ଶୁଭେଚ୍ଛା ଜ୍ଞାପନ କରିବା ସହ ଏହି ଖବରକାଗଜର ଉତ୍ତରୋତ୍ତର ଅଭିବୃଦ୍ଧି ଘଟୁ ଏହି କାମନା କରୁଛି ।

ଜନସାଧାରଣଙ୍କୁ ଅନୁରୋଧ

❖ ମଇଳା ଆବର୍ଜନାକୁ ଏଣେତେଣେ ନ ପକାଇ ଓଦା ଆବର୍ଜନା ଏବଂ ଶୁଖିଲା ଆବର୍ଜନାକୁ ପୌର ପରିଷଦର ଗାଡ଼ିରେ ଦିଅନ୍ତୁ ଏବଂ ଏଥିପାଇଁ ସହାୟତା ଅର୍ଥ ପ୍ରଦାନ କରନ୍ତୁ । ❖ ପଲିଥିନ୍, ପ୍ଲାଷ୍ଟିକ୍ ସଦାସର୍ବଦା ବର୍ଜନ କରନ୍ତୁ । ❖ ପୌର ପରିଷଦର ଧାର୍ଯ୍ୟ ଗୃହ ଟିକସ ନିୟମିତ ପଇଠ କରନ୍ତୁ । ❖ ବ୍ୟବସାୟୀମାନେ ନିଜ ନିଜ ବ୍ୟବସାୟ ପାଇଁ ଟ୍ରେଡ ଲାଇସେନ୍ସର ଆବେଦନ କରନ୍ତୁ । ❖ ଘର ତିଆରି ନିମନ୍ତେ ପରିଷଦରୁ ବିଧିବଦ୍ଧ ଅନୁମତି ଗ୍ରହଣ କରନ୍ତୁ । ❖ ପୌର ପରିଷଦର ସେସ୍‌ପୁଲ ସେବାର ଲାଭ ଉଠାନ୍ତୁ । ❖ ଗୋରୁଗାଈଙ୍କୁ ରାସ୍ତା ଉପରେ ଛାଡ଼ନ୍ତୁ ନାହିଁ । ❖ ରାସ୍ତାକଡ଼, ଡ୍ରେନ୍, ସରକାରୀ ଜମି, ପୋଖରୀ ତଥା ସାଗର ଇତ୍ୟାଦିକୁ ଜବରଦଖଲ କରନ୍ତୁ ନାହିଁ । ❖ ବୈଶ୍ୱିକ ମହାମାରୀ କରୋନାର ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସରକାରଙ୍କ ନିୟମାବଳୀକୁ ଅନୁସରଣ କରନ୍ତୁ ।

ବଲାଙ୍ଗିର ସହରର ସ୍ୱଚ୍ଛତା, ସୁନ୍ଦରତା ତଥା ଉନ୍ନତିମୂଳକ କାର୍ଯ୍ୟରେ ସହାୟକ ହୁଅନ୍ତୁ ।

(ଶ୍ରୀ ବିପିନ ବିହାରୀ ଦୀପ)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ବଲାଙ୍ଗିର

(ଶ୍ରୀ ଚଞ୍ଚଳ ରାଣା)
ଜିଲ୍ଲାପାଳ, ବଲାଙ୍ଗିର ତଥା ପ୍ରଶାସକ
ପୌର ପରିଷଦ, ବଲାଙ୍ଗିର

**କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କ ଲିଃ, କେନ୍ଦ୍ରାପଡ଼ା - ୭୫୪୨୧୧**

ମୁଖ୍ୟ କାର୍ଯ୍ୟାଳୟ - କେନ୍ଦ୍ରାପଡ଼ା

ଫୋନ୍ ନଂ. (୦୬୭୨୭) ୨୨୦୩୯୯, ୨୨୧୫୯୯, ବ୍ୟବସାୟ କ୍ଷେତ୍ର- ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲା ସହିତ ଜଗତ୍‌ସିଂହପୁର ଓ ଯାଜପୁର ଜିଲ୍ଲାକୁ ସମ୍ପ୍ରସାରିତ ।

| ବ୍ୟାଙ୍କ ଶାଖା | ଫୋନ୍ ନମ୍ବର |
|---|---|
| ୧. ମୁଖ୍ୟ ଶାଖା କେନ୍ଦ୍ରାପଡ଼ା | (୦୬୭୨୭) ୨୨୦୫୯୯ |
| ୨. ପୁରୁଣା ବସ୍‌ଷ୍ଟାଣ୍ଡ ଶାଖା, କେନ୍ଦ୍ରାପଡ଼ା | ୨୩୨୮୯୯ |
| ୩. ମାର୍ଶାଘାଇ ଶାଖା, ମାର୍ଶାଘାଇ | ୨୭୨୦୧୭ |
| ୪. ଚାନ୍ଦୋଳ ଶାଖା, ଚାନ୍ଦୋଳ | ୨୬୮୧୫୫ |
| ୫. ପଟ୍ଟାମୁଣ୍ଡାଇ ଶାଖା, ପଟ୍ଟାମୁଣ୍ଡାଇ | (୦୬୭୨୯) ୨୨୪୩୧୬ |
| ୬. ଆଳି ଶାଖା, ଆଳି | ୨୪୧୧୦୬ |

ବୈଶିଷ୍ଟ୍ୟ

୧. ଜମା ଉପରେ ଆକର୍ଷଣୀୟ ହାରରେ ସୁଧ ଦିଆଯାଏ । ୨. DICGC ଅଧୀନରେ ଆପଣଙ୍କ ଜମା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମାଭୁକ୍ତ ଓ ସୁରକ୍ଷିତ । ୩. Fully Computerized ସେବା ସହିତ RTGS/NEFT/Fund Transfer ଇତ୍ୟାଦି ସୁବିଧା ଉପଲବ୍ଧ । ୪. ଘର, ପରିବହନ ଓ ବ୍ୟବସାୟିକ ଋଣ ସହଜ ସୁବିଧାରେ ପ୍ରଦାନ କରାଯାଏ । ୫. ATM କାର୍ଡ ସେବା ଉପଲବ୍ଧ । ୬. My Home, My Car ଋଣ ଏବଂ ସ୍ୱର୍ଣ୍ଣ ଋଣ ଅପେକ୍ଷାକୃତ କମ୍ ସୁଧ ହାରରେ ଉପଲବ୍ଧ । ୭. ଆପଣଙ୍କ ଜମା ଖାତା ବ୍ୟାଙ୍କର ଯେକୌଣସି ଶାଖାରେ ଥିଲେ ମଧ୍ୟ, CBS ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ ।

ବ୍ୟାଙ୍କର ସମସ୍ତ ଜମାକାରୀ, ଗ୍ରାହକ ଏବଂ ଶୁଭେଚ୍ଛୁମାନଙ୍କୁ ଶୁଭକାମନା ଓ ଅନୁରୋଧ ଏହିକି, COVIDରୁ ସୁରକ୍ଷିତ ରହିବାପାଇଁ ମାସ୍କ ବ୍ୟବହାର ସହିତ ସାମାଜିକ ଦୂରତ୍ୱ ରକ୍ଷା କରନ୍ତୁ, ଟିକା ନିଅନ୍ତୁ - ସୁସ୍ଥ ରୁହନ୍ତୁ ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଅତିରିକ୍ତ ଜିଲ୍ଲାପାଳ, କେନ୍ଦ୍ରାପଡ଼ା ଏବଂ ପ୍ରଶାସକ

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତେନ୍ତୁଳିଖୁଣ୍ଟି, ଜିଲ୍ଲା-ନବରଙ୍ଗପୁର**

(ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା-୨୦୨୦-୨୧)

୧. ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ୧୫ ଗୋଟି ପଞ୍ଚାୟତରେ କୃଷି ଓ କୃଷକର ଉନ୍ନତି ପାଇଁ ଚଳିତ ଆର୍ଥିକ ବର୍ଷରେ ମୋ ପୋଖରୀ ଯୋଜନାରେ ୩ ଗୋଟି ଓ ପଥର କୂପ ଯୋଜନାରେ ୬ ଗୋଟି ପ୍ରକଳ୍ପ ଶେଷ ହୋଇଅଛି।
୨. ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ମୋଟ ୬୫ ଗୋଟି ରାସ୍ତା ସଂଯୋଗୀକରଣ ଓ ଟ୍ରେଞ୍ଚ ୮୩ ଗୋଟି ପ୍ରକଳ୍ପ ଚାଲୁଅଛି।
୩. ଜଳ ଜଙ୍ଗଲ ଜମି (MGNREGA) କାର୍ଯ୍ୟକୁ ଅଧିକ ଗୁରୁତ୍ୱାରୋପ କରି ଏହି ପଞ୍ଚାୟତ ସମିତି ଜିଲ୍ଲାରେ ସଫଳ ରୂପାୟନ କରିଅଛି।
୪. ସେହିପରି ମହାମାରୀ କରୋନା ସମୟରେ ମୋଟ 78474 ଶ୍ରମ ଦିବସ ସୃଷ୍ଟି ହୋଇପାରିଛି ଏବଂ ଜିଲ୍ଲାରେ ଆର୍ଥିକ ଶ୍ରମ ଦିବସ କରିବାରେ ସଫଳ ହେଇପାରିଛୁ।
୫. ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସଫଳ ରୂପାୟନରେ ଶ୍ରୀ ଦୁର୍ଯ୍ୟୋଧନ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ରୀମତୀ ଶାନ୍ତିଲତା ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ଶ୍ରୀ ତପନ କୁମାର ମିଶ୍ର, ଭାରପ୍ରାପ୍ତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ସମସ୍ତ କନିଷ୍ଠ ଯନ୍ତ୍ରୀ, ସମସ୍ତ ଗ୍ରାମ ରୋଜଗାର ସେବକ ଓ ସମସ୍ତ BFT ଙ୍କ ଅବଦାନ ରହିଛି।

ଦେବକୀ ନାୟକ
ଅଧ୍ୟକ୍ଷ, ପଞ୍ଚାୟତ ସମିତି, ତେନ୍ତୁଳିଖୁଣ୍ଟି

ସ୍ୱା/- ଶ୍ରୀ ଦୁର୍ଯ୍ୟୋଧନ ଭୋଇ
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତେନ୍ତୁଳିଖୁଣ୍ଟି

**ପୌର ପରିଷଦ, ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**

ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍: ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୪୪୨୦
At: Hinjilicut, Dist.- Ganjam, PIN - 761102, Contact: 06811-280025, Toll Free No. 14420
E-mail: hinjilicutmunicipality@gmail.com, hinjilimunicipality@gmail.com
facebook: Hinjilicut Municipality, Twitter: Hinjilicutmunicipality

ପତ୍ର ନଂ. 3931 ତା: 22.11.21

ନିବେଦନ ବାର୍ତ୍ତା

ହିଞ୍ଜିଳିକାଟୁ ପୌର ପରିଷଦକୁ ସ୍ୱଚ୍ଛ ଓ ସୁନ୍ଦର ସହରରେ ପରିଗଣିତ କରିବା ନିମନ୍ତେ ସମସ୍ତ ଜନସାଧାରଣଙ୍କୁ ନିବେଦନ କରାଯାଉଅଛି ଯେ......

- ବ୍ୟବସାୟୀମାନେ ନିଜ ପ୍ରତିଷ୍ଠାନର ଟ୍ରେଡ୍ ଲାଇସେନ୍ସ ୩୦ ନଭେମ୍ବର ୨୦୨୧ ସୁଦ୍ଧା କରାଇନିଅନ୍ତୁ ।
- ପ୍ରତ୍ୟେକ ଦୋକାନୀ ନିଜ ଦୋକାନର ୫ ମିଟର ଏରିଆ ସଫା ରଖନ୍ତୁ ।
- ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ପ୍ଲାଷ୍ଟିକ୍ ବ୍ୟବହାର କରନ୍ତୁ ନାହିଁ ।
- ଗୃହ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପୌରପରିଷଦର ଅନୁମତି ନିଅନ୍ତୁ ।
- ଘରର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ଓ ବାଲି, ଇଟା, ଗୋଡ଼ି ଇତ୍ୟାଦି ରାସ୍ତାରେ ଜମା କରନ୍ତୁ ନାହିଁ ।
- ଗୃହପାଳିତ ପଶୁକୁ ରାସ୍ତାରେ ଛାଡ଼ନ୍ତୁ ନାହିଁ, ଏଥିରେ ଖିଲାପ କଲେ ଆଇନାନୁଯାୟୀ ଦଣ୍ଡିତ ହେବେ ।
- ମ୍ୟୁନିସିପାଲିଟିର ସମସ୍ତ ସେବା ଓ ଅଭିଯୋଗ ନିମନ୍ତେ ସଫା ଆପ୍ ଏବଂ ମ୍ୟୁନିସିପାଲିଟି ୱେବ୍‌ସାଇଟ୍ ବ୍ୟବହାର କରନ୍ତୁ ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ

**TENDER CALL NOTICE**
**PANCHAYAT SAMITI, JUJOMURA, DIST.- SAMBALPUR**
**BID IDENTIFICATION No. 01/2021-22**

**No. 2456** **Dated: 22.11.2021**

The BDO, Jujomura on behalf of Governor of Odisha invites Percentage Rate bids for following work from eligible contractors registered with State Govt., Contractors of equivalent Grade/ Class registered with Central Govt. for execution of civil works, which agreement is to be drawn in P1 form:

| Sl. No. | Name of the Works | Approximate Value of Work | Period of Completion | Class of Contractor | Bid Security @1% | Cost of Bid Document (Including 18% GST) |
|---|---|---|---|---|---|---|
| 1 | Construction of New Block Office Building at Jujomura | Rs.24,10,333.00 | 6 (Six) Calendar Months | "B" & "C" Class | Rs.24,103.00 | Rs.6,000/- + Rs.1080/- |

1. Sale of the Bid document shall start at **10 A.M. of 26.11.21 and close at 05.30 P.M. of 07.12.21** during office hours in the Office of the undersigned. Bids shall be received by this agency upto **05.30 P.M. on 08.12.21** through Registered Post/Speed Post only. The bid will be opened on **09.12.2021 at 11 A.M.**
2. To know the detailed advertisement, please visit Block Office, Jujomura on working days.

**Sd./- Block Development Officer, Jujomura**

**OFFICE OF THE PANCHAYAT SAMITI, GURUNDIA**

E-mail: ori-gurundia@nic.in

Bid Identification No. B.D.O, P.S. GURUNDIA-03/2021-2022
No. 2003 P.S. GURUNDIA Dtd 24/11/2021

1. Block Development Officer, Gurundia on behalf of Governor of Odisha invites percentage rate bid through open bid in Single cover from eligible contractors for the works as detailed below.

Nature of Work : "CONSTRUCTION/RENOVATION OF SCHOOLS OF GURUNDIA BLOCK, DIST-SUNDARGARH"
No. of Works : 02 No.
Tender Cost : As specified in the bid documents
Class of Contractor : As specified in the bid documents
Available of Bid document in Website : From Dt. 26.11.2021 of 01.00 PM to Dt. 02.12.2021 up to 1.00 PM
Date of opening of open Bid : Dt. 03.12.2021 at 10 AM

2. The Bidders have to participate in open bidding only. Further details can be seen from the website : http://www.sundergarh.nic.in
3. Any Addendum / Corrigendum / Cancellation of tender can also be seen in the newspaper and website: http://www.sundergarh.nic.in/

Sd/- Block Development Officer, Gurundia

## ସଂକ୍ଷେପରେ

### ପୋଖରୀରୁ ମିଳିଲା ଛାତ୍ରଙ୍କ ମୃତଦେହ

**କାମାକ୍ଷାନଗର, ୨୫।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସିବୁଲାପଶି ଗ୍ରାମ ପୋଖରୀରୁ ଗୁରୁବାର ପୂର୍ବାହ୍ନରେ ଜଣେ ଛାତ୍ରଙ୍କ ମୃତଦେହ ମିଳିଛି। ମୃତକ ହେଲେ ପ୍ରତାପ ମହାନ୍ତିଙ୍କ ପୁଅ ତୁଷାରକାନ୍ତ ମହାନ୍ତି। ତୁଷାରକାନ୍ତ କାମାକ୍ଷାନଗର କଲେଜରେ ଯୁକ୍ତ ୨ରେ ପଢୁଥିଲେ। ଗତ ବୁଧବାର ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ପରିବାର ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଗୁରୁବାର ସକାଳେ ପୋଖରୀରେ ତାଙ୍କର ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ମଣ୍ଡଳ ଭାଜପାର ନିର୍ବାଚନ ପ୍ରସ୍ତୁତି

**ଗଁଦିଆ, ୨୫।୧୧:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ମଣ୍ଡଳ ଭାଜପା ପକ୍ଷରୁ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ୪ନଂ. ଜୋନ୍ ଅନ୍ତର୍ଗତ ପିଙ୍ଗୁଆ ପଞ୍ଚାୟତ ଟୋଲରପଶି ବାଲିକିଆରି ନିକଟରେ ବୁଧବାର ଅପରାହ୍ନରେ ମଣ୍ଡଳ ସଭାପତି ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ମଣ୍ଡଳରେ ନିର୍ବାଚନ ଲଢ଼ାଯିବ। ଦଳ ପକ୍ଷରୁ ଖୁବ୍‌ଶୀଘ୍ର ଜିଲା ପରିଷଦ ପ୍ରାର୍ଥୀ, ମଣ୍ଡଳ ଅଧୀନ ଅନ୍ୟ ୮ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡସଭ୍ୟ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ମଣ୍ଡଳ ଉପସଭାପତି ରବିନାରାୟଣ ପରିଡ଼ା, ଆନନ୍ଦ ଚନ୍ଦ୍ର ସାହୁ, ଦୀପକ କୁମାର ଦାସସାମନ୍ତ, ରବିନାରାୟଣ ପରିଡ଼ା, ବୁଲୁ ବେହେରା, ବୁଲୁ ନାୟକ, ଆନନ୍ଦ ଚନ୍ଦ୍ର ସାହୁ, ଚାନ୍ଦ ପରିଡ଼ା, ଶିବପ୍ରସାଦ ସାହୁ, ବୁଲୁ ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ଶିକ୍ଷାବିତ୍ ବିଷ୍ଣୁଚରଣଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୨୫।୧୧:** ଢେଙ୍କାନାଳ ସଦର ବ୍ଲକ ରାଧାଦେଈପୁର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ବିଷ୍ଣୁଚରଣ ମିଶ୍ରଙ୍କ ଗତ ସୋମବାର ମୁମ୍ବାଇସ୍ଥିତ ଟାଟା ମେମୋରିଆଲ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମରଶରୀର ଗ୍ରାମରେ ଆସି ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଥିଲା। ସେ ୧୯୬୬ରୁ ରାଧାଦେଈପୁର ଉଚ୍ଚ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରି ୨୦୦୫ରେ ଅବସର ଗ୍ରହଣ କରିଥିଲେ। ଜଣେ ଛାତ୍ରବତ୍ସଳ, ମେଳାପି, ପରୋପକାରୀ ଶିକ୍ଷକ ଭାବେ ସେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

### ୩ ଆକ୍ରାନ୍ତ, ୩ ସୁସ୍ଥ

**ଢେଙ୍କାନାଳ ଅଫିସ, ୨୫।୧୧:** ଢେଙ୍କାନାଳ ଜିଲାରୁ ଗୁରୁବାର ୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକର ୨ ଏବଂ ଢେଙ୍କାନାଳ ପୌରାଞ୍ଚଳର ଜଣେ ରହିଛନ୍ତି। ଏହାକୁ ମିଶାଇ ଜିଲାର ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୧୯ ହଜାର ୯୨୭ରେ ପହଞ୍ଚିଛି। ସେହିପରି ଦିନକରେ ୩ଜଣ ସୁସ୍ଥ ହେବାପରେ ମୋଟ୍ ଆରୋଗ୍ୟଙ୍କ ସଂଖ୍ୟା ୧୯ ହଜାର ୬୭୬ ହୋଇଛି। ଜିଲାରେ ଏବେ ୭ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି। କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୪ରେ ସ୍ଥିର ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଆରମ୍ଭ ହେଲା 'ଭରସା'

**ହିନ୍ଦୋଳ, ୨୫।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକରୁ ବୁଧବାର 'ଭରସା' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ୭୭୯ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବିଧାୟିକା ସୀମାରାଣୀ ନାୟକ, ଜିଲାପାଳ ସରୋଜ କୁମାର ସେଠୀ, ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ, ଉପଜିଲାପାଳ ଉଦୟ ମହାପାତ୍ର, ତହସିଲଦାର ସୁଶାନ୍ତ ମିଶ୍ର, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁଧାଂଶୁ ମିଶ୍ର, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ବ୍ଲକ ଉପାଧ୍ୟକ୍ଷା ଅନୁସୂୟା ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ ମଞ୍ଚ ପରିଚାଳନା କରିଥିଲେ।

# ସଚେତନ ହେଲେ ସୁଫଳ ମିଳିବ



ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ।

- 'ମୋ ବ୍ଲକ-ମୋ ଢେଙ୍କାନାଳ' ବୈଠକ
- ପିଇବା ପାଣି, ବିଦ୍ୟୁତ୍ ଯୋଗାଣକୁ ଗୁରୁତ୍ୱ
- ଅସମ୍ପୂର୍ଣ୍ଣ ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୨୫।୧୧**

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ ସଭାଗୃହରେ ଗୁରୁବାର 'ମୋ ବ୍ଲକ-ମୋ ଢେଙ୍କାନାଳ' ବୈଠକ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳସ୍ତରରେ ଲୋକଙ୍କୁ ସୂଚନା ପ୍ରଦାନ କରି ସଚେତନ କରାଯାଇପାରିଲେ ଯୋଜନାର ସୁଫଳ ମିଳିପାରିବ ବୋଲି ଜିଲାପାଳ କହିଛନ୍ତି। '୫-ଟି' ବ୍ୟବସ୍ଥା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଲାଗି ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟରେ '୫-ଟି' ବୋର୍ଡ ଲଗାଇବା ସହିତ ସରକାରଙ୍କ ଜନହିତକର ଯୋଜନା ପ୍ରଦର୍ଶିତ କରିବା ପାଇଁ ସମସ୍ତ ବିଡିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଭତ୍ତା ଯୋଜନାରେ ସାମିଲ କରାଇବା, ୭୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ନିକଟରେ ଭତ୍ତା ଟଙ୍କା ପହଞ୍ଚାଇବା, ଅଙ୍ଗନୱାଡି କେନ୍ଦ୍ରରେ ଅପପୁଷ୍ଟିର ଶିକାର ହୋଇଥିବା ଶିଶୁଙ୍କ ସ୍ୱତନ୍ତ୍ର ଯତ୍ନ ନେବା, ପ୍ରାଥମିକ ବିଦ୍ୟାଳୟରେ ପାନୀୟଜଳ, ଶୌଚାଳୟ, ବିଦ୍ୟୁତ୍ ଯୋଗାଣର ବିହିତ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ରାସ୍ତା ପାର୍ଶ୍ୱ ଆଲୋକୀକରଣ, ସଡ଼କ ମରାମତି, ପିଡିଏସ୍ ସାମଗ୍ରୀର ସୁଷମ ବଣ୍ଟନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବା ଉପରେ ସର୍ବାଧିକ ଫୋକସ୍ କରାଯାଉଛି। ପଞ୍ଚାୟତସ୍ତରରେ ବିଡିଓମାନେ ସଭାକରି ଲୋକଙ୍କୁ ସରକାରୀ ଯୋଜନା ବିଷୟରେ ଅବଗତ କରାଇବେ। ସେମାନଙ୍କ ଆବଶ୍ୟକତା ଓ ସମସ୍ୟା ବୁଝି ଯୋଜନା ପ୍ରସ୍ତୁତ କରାଯିବ। ପ୍ରକଳ୍ପ ଯେପରି ଦୀର୍ଘସ୍ଥାୟୀ ହେବ, ସେ ନେଇ ଗୁରୁତ୍ୱାରୋପ କରାଯାଉଛି। ଗ୍ରାମାଞ୍ଚଳରେ ଶତ ପ୍ରତିଶତ ଟିକାକରଣ, ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ନେଇ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଆବାସ ଯୋଜନା ଲକ୍ଷ୍ୟ ହାସଲ, ଅଙ୍ଗନୱାଡି ଗୃହ, ମିଶନ ଶକ୍ତି ଗୃହ ଏବଂ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ସମସ୍ତ ବ୍ଲକର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପାୱାର ପଏଣ୍ଟ ମାଧ୍ୟମରେ ଫିଲ୍ମ ଚ୍ୟାନେଲ ମାଧ୍ୟମରେ କିଭଳି ଜଳସେଚନ କରାଯାଉଛି, ତାହା ଅବଗତ କରାଯାଇଥିଲା। କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଦ୍ୱାରା ଗ୍ରାମାଞ୍ଚଳବାସୀ କିଭଳି ଉପକୃତ ହେଉଛନ୍ତି, ସେ ସମ୍ପର୍କରେ ବିଡିଓମାନେ ବିସ୍ତୃତ ସୂଚନାଦେଇଥିଲେ। ମୋ ବ୍ଲକ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ପାଇଁ ପଦସ୍ଥ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ରିପୋର୍ଟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜ୍ୟୋତିଶଙ୍କର ସାହୁ, ଉଦୟ କୁମାର ମହାପାତ୍ରଙ୍କ ସମେତ ସମସ୍ତ ବ୍ଲକର ବିଡିଓ ଏବଂ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ୪୮ ଦୁର୍ଗମ ଗାଁ ହେବ ଆଦର୍ଶ ଗ୍ରାମ

ଢେଙ୍କାନାଳ ଜିଲାର ୪୮ ଦୁର୍ଗମ ଗ୍ରାମର କଳେବର ବଦଳିବ। ଅପହଞ୍ଚ ଅଞ୍ଚଳରେ ଥିବା ଏହି ଗାଁଗୁଡ଼ିକୁ ଆଦର୍ଶ ଗ୍ରାମରେ ପରିଣତ କରାଯିବ। ଏଥିଲାଗି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯିବା ସହିତ ଜଣେ ଲେଖାଏ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ସମ୍ପୃକ୍ତ ଅଧିକାରୀମାନେ ଉକ୍ତ ଗ୍ରାମରେ ପହଞ୍ଚି ଲୋକମାନଙ୍କ ସମସ୍ୟା ବୁଝିବା ସହିତ ଏହାର ତ୍ୱରିତ ସମାଧାନ କରିବେ। ଏହାକୁ ବାଦ୍‌ଦେଲେ ଜିଲାର ପ୍ରତି ପଞ୍ଚାୟତରେ ଗ୍ରାମାଞ୍ଚଳ ପାର୍କ, ସ୍କୁଲ, ଇ-ପାଠାଗାର, ପୋଖରୀ କରାଯିବ। ବର୍ଜ୍ୟଜଳ ପରିଚାଳନା, ପରିଚ୍ଛନ୍ନତା ପ୍ରତି ଯତ୍ନବାନ ହେଲେ ରୋଗମୁକ୍ତ ପରିବେଶ ସୃଷ୍ଟି ହେବ ବୋଲି ଜିଲାପାଳ କହିଥିଲେ।

# ଟିଏସ୍‌ଏମକୁ ନ୍ୟାଶନାଲ ସଷ୍ଟେନେବିଲିଟି ପୁରସ୍କାର

**ଢେଙ୍କାନାଳ ଅଫିସ, ୨୫।୧୧**




ଢେଙ୍କାନାଳ ଜିଲାରେ ଅବସ୍ଥିତ ଟାଟାଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍)କୁ କାଷ୍ଟିଂ ଓ ଫୋର୍ଜିଂ କାର୍ଯ୍ୟପ୍ରଣାଳୀ ବର୍ଗରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଟାଲ (ଆଇଆଇଏମ୍) ନ୍ୟାଶନାଲ ସଷ୍ଟେନେବିଲିଟି ପୁରସ୍କାର: ଲୌହ ଓ ଇସ୍ପାତ ୨୦୨୧ରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ଷେତ୍ରରେ ପ୍ରତି ବିଭାଗର ଗୁଣବତ୍ତା, ଉତ୍କର୍ଷ ଏବଂ ପ୍ରତିଶ୍ରୁତିବଦ୍ଧତା ପାଇଁ ଏହି ପୁରସ୍କାର ମିଳିଛି। ଜାମସେଦପୁର ଆଇଆଇଏମ୍, କଲିକତା କ୍ଷେତ୍ର ଓ ଟାଟାଷ୍ଟିଲ ଲିମିଟେଡ୍ ପକ୍ଷରୁ ଭର୍ଚୁଆଲ ମଞ୍ଚରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟିଏସ୍‌ଏମ୍ ଅପରେଶନ ବିଭାଗ ଉପସଭାପତି ସୁବୋଧ ପାଣ୍ଡେ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଇସ୍ପାତ ମନ୍ତ୍ରଣାଳୟ ସଚିବ ପ୍ରଦୀପ କୁମାର ତ୍ରିପାଠୀ, ଅତିରିକ୍ତ ସଚିବ ରସିକା ଚୌବେ, ସିଓସି ଅଧ୍ୟକ୍ଷ ସୁଧାଂଶୁ ପାଠକ, ଟାଟାଷ୍ଟିଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଆଇଆଇଏମ୍ ସଭାପତି ଟି.ଭି. ନରେନ୍ଦ୍ରନ୍, ଆଇଆଇଏମ୍ ଉପସଭାପତି ଏସ୍.ବି. କାମତ୍, ଆବାହକ ଚିନ୍ମୟ ଭଟ୍ଟାଚାର୍ଯ୍ୟ, ସାଧାରଣ ସମ୍ପାଦକ କୌଶଳ ସାହା ପ୍ରମୁଖ ଉପସ୍ଥିତ ଥିଲେ। ଇସ୍ପାତ କ୍ଷେତ୍ରରେ ଗୁଣବତ୍ତା ପରିଚାଳନାକୁ ପ୍ରୋତ୍ସାହିତ କରିବା ଲାଗି ୧୯୯୧ରୁ ପ୍ରତିବର୍ଷ ନଭେମ୍ବର ୧୪ (ଜାତୀୟ ଧାତୁ ବିଜ୍ଞାନୀ ଦିବସ)ରେ ଏହି ପୁରସ୍କାର ପ୍ରଦାନ କରାଯାଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଭୋଟର ଗଣତନ୍ତ୍ରର ମେରୁଦଣ୍ଡ

**କାମାକ୍ଷାନଗର, ୨୫।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଜିରାଳ ମହାବିଦ୍ୟାଳୟରେ ଗୁରୁବାର ଭୋଟର ପଞ୍ଜୀକରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜୁନିୟର ଓ ଡିଗ୍ରୀ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଦ୍ୱିଜରାଜ ବିଶ୍ୱାଳ ଅଧ୍ୟକ୍ଷତା କରି କହିଲେ, ଭାରତ ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଭୋଟର ହେଉଛନ୍ତି ଗଣତନ୍ତ୍ରର ମେରୁଦଣ୍ଡ। ଭୋଟର ଚାହିଁଲେ ନିଜ ପସନ୍ଦର ଶାଶକଙ୍କ ହାତରେ ଶାସନ ଭାର ଦେଇ ପାରିବେ। ତେଣୁ ସମସ୍ତ ସାବାଳକ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରାଇବା ସହ ଅନ୍ୟମାନଙ୍କୁ ସଚେତନ କରାଇବା ଜରୁରୀ ବୋଲି ଅଧ୍ୟକ୍ଷ କହିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁବ୍ରତ ପରିଡ଼ା, ପ୍ରଦୀପ ଦାସ ଉପସ୍ଥିତ ରହି ଜାନୁୟାରୀ ୧ ସୁଦ୍ଧା ୧୮ ବର୍ଷ ହେଉଥିବା ସମସ୍ତ ଛାତ୍ରୀଛାତ୍ର ଏବଂ ବ୍ୟକ୍ତିବିଶେଷଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ ପରାମର୍ଶ ଦେଇଥିଲେ। ଡ. ପଦ୍ମାଳୟା ଷଡଙ୍ଗୀ, ସୁଶାନ୍ତ ସାହୁ, ଲକ୍ଷ୍ମୀଧର ମିଶ୍ର, ରଞ୍ଜନ କର, ବିଭୁପ୍ରିୟା ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଭାଗନେଇଥିବା ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର।

# ବିୟୁଟି ୱେଲଫେୟାର ଆସୋସିଏଶନ୍ ସଭା

**ଅନୁଗୋଳ ଅଫିସ, ୨୫।୧୧**

ଓଡ଼ିଶା ବିୟୁଟି ୱେଲଫେୟାର ଆସୋସିଏଶନ୍‌ର ଏକ ସଭା ଅନୁଗୋଳରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ, ଭୁବନେଶ୍ୱରର ବିୟୁଟି ୱେଲଫେୟାର ଆସୋସିଏଶନ ସଭାପତି ସୁପ୍ରିୟା ମିଶ୍ର, ଉପସଭାପତି କୃଷ୍ଣପ୍ରିୟା ତ୍ରିପାଠୀ, ଇଲାରାଣୀ ବୋଷ, ଇତିଶ୍ରୀ ମହାନ୍ତି, ସୋନି ମହାନ୍ତି, ତୃପ୍ତି ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ସମସ୍ତ ବିୟୁଟିସିଆନ୍‌ଙ୍କ ରେଜିଷ୍ଟ୍ରେଶନ କରାଯାଇଥିଲେ। ମହିଳାମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ଅବଗତ କରାଯାଇଥିଲା। ଅନୁଗୋଳ ଆସୋସିଏଶନ ସଭାପତି ନିବେଦିତା ଦାସ, ଉପସଭାପତି ଅଳକାରାଣୀ ମହାପାତ୍ର, କୋଷାଧ୍ୟକ୍ଷ ବିନା ଦାସ, ଗୀତାଞ୍ଜଳି ପ୍ରଧାନ, ସଙ୍ଗୀତା ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ସଭାରେ ଅନୁଗୋଳ, ତାଳଚେର, ବଇଣ୍ଡା ଓ ଅନ୍ୟସ୍ଥାନରୁ ବିୟୁଟିସିଆନମାନେ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିୟୁଟିସିଆନ୍‌ମାନେ।

### ସୌନ୍ଦର୍ଯ୍ୟକରଣ ସ୍ଥାନରୁ ଗାଡ଼ି ହଟାଇବାକୁ ପ୍ରଚାର

**ଅନୁଗୋଳ ଅଫିସ, ୨୫।୧୧**

ଅନୁଗୋଳ ସର୍କିଟ୍ ହାଉସଠାରୁ ଥାନା ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ସନ୍ଧ୍ୟାରେ ଲୋକଙ୍କ ଗହଳି ଜମୁଛି। ଏଭଳି କି ରାସ୍ତା ପାର୍ଶ୍ୱରେ ଗାଡ଼ି ଲଗାଇ ଲୋକମାନେ ବିଭିନ୍ନ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଫଟୋ ଉତ୍ତୋଳନ କରୁଛନ୍ତି। ଫଳରେ ପଥଚାରୀମାନେ ସମସ୍ୟାରେ ପଡୁଛନ୍ତି। ଏହାର ସମାଧାନ କରିବାକୁ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ନେତୃତ୍ୱରେ ଏକ ଟିମ୍ ସେଲ୍‌ଫି ପଏଣ୍ଟ 'ଆଇ ଲଭ୍ ଅନୁଗୋଳ' ନିକଟରେ ଲୋକଙ୍କୁ ସଚେତନ କରିଛନ୍ତି। ଏଥିସହିତ ଗାଡ଼ିଗୁଡ଼ିକ ନିକଟରେ ଥିବା ଜିନ୍ଦଲ ଆଇଟିଆଇ ରାସ୍ତାରେ ରଖିବାକୁ ପ୍ରଚାର ମାଧ୍ୟମରେ ଅବଗତ କରିଛନ୍ତି। ଏହି ନିର୍ଦ୍ଦେଶନାମାକୁ ଅମାନ୍ୟ କଲେ ଜରିମାନା ଆଦାୟ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇଛି। ଏହି ଟିମ୍‌ରେ ଉପଜିଲାପାଳଙ୍କ ସହ ତହସିଲଦାର ବିମଳ କୁମାର ଲେଙ୍କା, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ତାମଡା ସଚିବ ରାଜୀବ କୁମାର ବେହେରା, ଅନୁଗୋଳ ଥାନା ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା, ପରିବହନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହାନଦୀରେ ବୁଡ଼ିଗଲେ ୪ ସାଙ୍ଗ, ଜଣେ ଉଦ୍ଧାର

**କଟକ ଅଫିସ, ୨୫।୧୧**

କଟକ ମହାନଦୀ ଉଦିମୂଳ ଘାଟରେ ୮ମ ଶ୍ରେଣୀରେ ପଢୁଥିବା ୪ଜଣ ଛାତ୍ର ବୁଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୩ଜଣ ନିଖୋଜ ଅଛନ୍ତି। ଉଦ୍ଧାର ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ରାତିରେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ନିଖୋଜ ଛାତ୍ରମାନେ କଟକ ପୋତାପୋଖରୀ ଅଞ୍ଚଳର ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ ପୋତାପୋଖରୀ ଅଞ୍ଚଳର ୪ଜଣ ସାଙ୍ଗ ଗୁରୁବାର ଅପରାହ୍ନରେ ସାଇକେଲ ଯୋଗେ ଘରୁ ବାହାରିଥିଲେ। ହେଲେ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ବହୁ ଖୋଜାଖୋଜି ପରେ ଉଦିମୂଳ ଘାଟ ନିକଟରେ ସେମାନଙ୍କ ସାଇକେଲ ରଖାଯାଇଥିବା ଦେଖିବାକୁ ମିଳିଥିଲା। ପିଲାମାନେ ନଦୀରେ ଗାଧୋଇବାବେଳେ ବୁଡ଼ିଯାଇଥିବା ସନ୍ଦେହ କରାଯାଇ ଅଗ୍ନିଶମ ବାହିନୀକୁ ରାତି ପ୍ରାୟ ୧୦ଟାରେ ଖବର ଦିଆଯାଇଥିଲା। ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଜଣେ ଛାତ୍ରଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଏସ୍‌ସିବି ହସ୍ପିଟାଲକୁ ପଠାଇଥିଲା।

# ୪୦୦ ହିତାଧିକାରୀଙ୍କୁ ମିଳିଲା ସ୍ମାର୍ଟ ହେଲ୍‌ଥ କାର୍ଡ

**ରାସୋଳ, ୨୫।୧୧(ଡି.ଏନ୍.ଏ.)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଆନୁକୂଲ୍ୟରେ ପଞ୍ଚାୟତରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତଦନୁଯାୟୀ ହିନ୍ଦୋଳ ବ୍ଲକର ବାବନ୍ଧ, ବମ୍ପା, ଗିରିଧରପ୍ରସାଦ, କୁଟୁଣିଆ, ଚିଉଲପୁର, ଜରଡ଼ା ପଞ୍ଚାୟତର ୪୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ତହସିଲଦାର, ଉପାଧ୍ୟକ୍ଷ, ଏବିଡିଓ ପ୍ରମୁଖ ଗାଁ ଗାଁ ବୁଲି କାର୍ଡ ବଣ୍ଟନ କରିଥିଲେ।

# 'ସଦ୍‌ଭାବନାରୁ ସୃଷ୍ଟିହେବ ବିଶ୍ୱ ଭ୍ରାତୃତ୍ୱ'




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଭୁବନ, ୨୫।୧୧(ଡି.ଏନ୍.ଏ.)**

ବିଶ୍ୱ ଭ୍ରାତୃତ୍ୱ ସୃଷ୍ଟିରେ ସାମ୍ପ୍ରଦାୟିକ ସଦ୍‌ଭାବନା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏକତା ଭାବ ଜାଗ୍ରତ କରିବାରେ ଏହାର ଭୂମିକା ଅନସ୍ୱୀକାର୍ଯ୍ୟ। ମାନବିକ ମୂଲ୍ୟବୋଧ ସହିତ ଜଡ଼ିତ ଏଭଳି ଅନୁଭବକୁ ସକାରାତ୍ମକ ଢଙ୍ଗରେ ବ୍ୟବହାର କଲେ ଭାରତ ବିଶ୍ୱର ଶ୍ରେଷ୍ଠ ରାଷ୍ଟ୍ର ହୋଇପାରିବ ବୋଲି କହିଛନ୍ତି ଢେଙ୍କାନାଳ ଜିଲା ଭୁବନ କଲେଜ ଅଧ୍ୟକ୍ଷ ଅଜିତ କୁମାର ବେହେରା। ଗୁରୁବାର ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ ଜାତୀୟ ସଦ୍‌ଭାବନା ସପ୍ତାହ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ଏହି ଅବସରରେ ଆୟୋଜିତ ଇଂଲିଶ ପ୍ରବନ୍ଧରେ ଯୁକ୍ତ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ବିଭାଗ ଛାତ୍ରୀ ପୂଜାରିଣୀ ପରିଡ଼ା, ଓଡ଼ିଆ ପ୍ରବନ୍ଧରେ ଯୁକ୍ତ୩ ପ୍ରଥମ ବର୍ଷ କଳା ବିଭାଗ ଛାତ୍ରୀ ଡୋନା ସାହୁ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଯୁକ୍ତ ୨ ଶେଷ ବର୍ଷ ବିଜ୍ଞାନ ବିଭାଗ ଛାତ୍ର ଲଲାଟେନ୍ଦୁ ରାଉତ ଶ୍ରେଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପ୍ରତିଯୋଗିତାରେ ମୋଟ ୩୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ସୁଶାନ୍ତ ସାହୁ, ସୁବାସ ପତି, କରୁଣାକର ରାଉତ, ଅଧ୍ୟାପିକା ଦେବଯାନୀ ପାଣି ଅତିଥି ଭାବେ ଯୋଗଦେଇଥିବାବେଳେ ଇଂଲିଶ ବିଭାଗ ବରିଷ୍ଠ ଅଧ୍ୟାପକ ଅନିଲ ଧୀର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୮ରେ ପବିତ୍ରମୋହନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ଛେଣ୍ଡିପଦା, ୨୫।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀ ଠାକୁରାଣୀଙ୍କ ପୀଠସ୍ଥଳରେ ଥିବା ପ୍ରାର୍ଥନା ମଣ୍ଡପରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ରମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବ। ଏ ନେଇ ମାନସ ସ୍ମୃତି ପାଠାଗାର ସଭାପତି ଦେବରାଜ ଦେହୁରୀଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖାର ସମ୍ପାଦକ ଧନେଶ୍ୱର ସାହୁ, ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ କଣିହାଁ ସଭାପତି ନୃସିଂହ ବରାଳ, ସହକାରୀ ଶିକ୍ଷକ ଶିବିପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ଡିସେମ୍ବର ୮ରେ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୋଶଳା ଗ୍ରାମ ସଭାପତି ବ୍ରଜବନ୍ଧୁ ସାହୁ, ସ୍ମୃତି ପାଠାଗାର ଉପସଭାପତି ଦିଲୀପ ସାହୁ, ଯୋଗେଶ୍ୱର ପ୍ରଧାନ, ଅବଧୁତ ପ୍ରଧାନ, ଛେଣ୍ଡିପଦା ବ୍ଲକ ଉପାଧ୍ୟକ୍ଷା ସୁଷମା ରାଉଳ, ବିଜୟଲକ୍ଷ୍ମୀ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମାନସସ୍ମୃତି ପାଠାଗାର ସମ୍ପାଦକ ବାମଦେବ ସାହୁ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଅତିଥିଙ୍କ ସହ ପାଠାଗାର କର୍ମକର୍ତ୍ତାମାନେ।

### ଲିଙ୍କ୍ ଦେଇ ନେଇଗଲେ ୮୦ ହଜାର ଟଙ୍କା

**ଅନୁଗୋଳ ଅଫିସ, ୨୫।୧୧**

ଅନୁଗୋଳ ସହରରେ ପୁଣି ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଠକମାନେ ଲିଙ୍କ୍ ଦେଇ ତାଙ୍କ ଆକାଉଣ୍ଟରୁ ୮୦ ହଜାର ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅନୁଗୋଳ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି, ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କ ଘର ରାଜ୍ୟ ବାହାରେ। ସେ ଅନୁଗୋଳ ସୀମାରେ ଥିବା ଏକ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ଅନୁଗୋଳ ସହରରେ ପରିବାର ସହ ରହୁଛନ୍ତି। ତାଙ୍କର ଏକ ଲୋନ୍ ସେଟେଲମେଣ୍ଟ କରିବା ପାଇଁ ଅନ୍‌ଲାଇନ୍‌ରେ କଷ୍ଟମର କେୟାର ନମ୍ବର ବାହାର କରି ଫୋନ୍ କରିଥିଲେ। ଏହାପରେ ଠକ ଜଣଙ୍କ ଲୋନ୍ ସେଟେଲମେଣ୍ଟ ପାଇଁ ଫୋନ୍ କରିଥିଲେ। ପରେ ଏକ ଲିଙ୍କ୍ ପଠାଇ ତାଙ୍କ ଆକାଉଣ୍ଟରୁ ୮୦ ହଜାର ଟଙ୍କା ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

